## ଘୋଷରା ଗ୍ରାମରେ ତେଜିଲା ମଦ ବିରୋଧୀ ଆନ୍ଦୋଳନ

# ମଦ ବିକ୍ରି ବନ୍ଦ ପାଇଁ ଅଧିକାରୀଙ୍କୁ ଦାବିପତ୍ର

ବଣାଇଁ, ୧୪ ।୩(ସମିସ)



ମଦ ବିରୋଧରେ ତାତିଲେ ଗ୍ରାମବାସୀ। ବୈଠକ କରି ଗ୍ରାମର ଚୋରାମଦ ବେପାରୀ ଓ ମଦ୍ୟପଙ୍କୁ ଦେଲେ ଚେତାବନୀ। ଏଥିସହ ବଣାଇଁ ଅବକାରୀ ଅଧିକାରୀଙ୍କୁ ଭେଟି ଗ୍ରାମରେ ଚୋରାମଦ ବିକ୍ରି ବନ୍ଦ ପାଇଁ ଦୃଢ଼ ପଦକ୍ଷେପ ନେବାକୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଗ୍ରାମରେ ଚୋରା ଦେଶୀମଦ ବେପାର ଓ ମଦ୍ୟପଙ୍କ ସଂଖ୍ୟା ସହ ଉତ୍ପାତ ବୃଦ୍ଧିକୁ ନେଇ ଗ୍ରାମବାସୀ ତାତିଛନ୍ତି। ବର୍ଷକ ପୂର୍ବରୁ ମଧ୍ୟ ଗ୍ରାମରେ ମଦର ପ୍ରସାର ବନ୍ଦ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ। ଏଥିସହ ବଣାଇଁରେ ଦେଶୀ ମଦଭାଟି କର୍ମଚାରୀମାନେ ବିନା ଅନୁମତିରେ ଅନେକ ଥର ଦେଶୀମଦ ଆଣି ଗ୍ରାମରେ କେତେକ ସ୍ଥାନରେ ମଦ ଯୋଗାଉଥିବା ବେଳେ ଗ୍ରାମବାସୀଙ୍କ ନିକଟରେ ଧରାପଡ଼ି ପୁଲିସକୁ ହସ୍ତାନ୍ତର କରିଥିଲେ। ଏହା ସତ୍ତ୍ୱେ ଭାଟି ମାଲିକ ଓ ଅବକାରୀ ବିଭାଗ ମଧ୍ୟରେ ଭିତିରି ବୁଝାମଣା ଯୋଗୁଁ ପ୍ରତ୍ୟେକ ଦିନ ଭାଟିର ଦେଶୀମଦ ବିଭିନ୍ନ ଗ୍ରାମକୁ ଚାଲାଣ ହେଉଛି। ଫଳରେ ଗ୍ରାମରେ ମଦ୍ୟପଙ୍କ ସଂଖ୍ୟା ବୃଦ୍ଧି ପାଉଛି ଏବଂ ଯୁବପିଢ଼ି ନିଶା ଦ୍ୱାରା କବଳିତ ହେଉଛନ୍ତି। ମଦଯୋଗୁଁ ଗ୍ରାମର ଶାନ୍ତ ପରିବେଶ ନଷ୍ଟ ହେବା ସହ ପରିବାରରେ ଅଶାନ୍ତି ସୃଷ୍ଟି ହେଉଛି। ମଦ ପିଇ ଲୋକେ ଘରେ ମାରପିଟ୍ କରିବା ସହ ଗାଆଁରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଏଥିରେ ଅତିଷ୍ଠ ହୋଇ ନରସିଂହପୁର, ଲକ୍ଷ୍ମୀନାରାୟଣପୁର, ପତ୍ରାପାଲି, ଗୋପିନାଥପୁରକୁ ନେଇ ଗଠିତ ଘୋଷରା ଗ୍ରାମର ସମସ୍ତ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ସମାଜସେବୀ ଏକାଠି ହୋଇ ଗ୍ରାମରେ ଚୋରାମଦ ବେପାର ବନ୍ଦ ଓ ଗ୍ରାମକୁ ନିଶାମୁକ୍ତ କରିବା ଲକ୍ଷ୍ୟରେ ଗୁରୁବାର ପୁଣିଥରେ ଏକ ବୈଠକ କରି ନିଶାଦ୍ରବ୍ୟ ସେବନର ଅପକାରିତା ସମ୍ପର୍କରେ ସଚେତନ କରାଇବା ସହିତ ଗ୍ରାମକୁ ନିଶାମୁକ୍ତ କରିବା ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ। ୩୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ବଣାଇଁ ଅବକାରୀ କାର୍ଯ୍ୟାଳୟରେ ପହଞ୍ଚି ଅବକାରୀ ଅଧିକାରୀଙ୍କୁ ଦାବିପତ୍ର ଦେଇ ମଦ ବିକ୍ରି ବନ୍ଦ ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଅନ୍ୟପଟେ ଖୁବଶୀଘ୍ର ଏହା ଉପରେ ପଦକ୍ଷେପ ଗ୍ରହଣ କରିବାକୁ ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି। ଗ୍ରାମାଞ୍ଚଳରେ ଚାଲିଥିବା ଚୋରା ଦେଶୀମଦ ବେପାର ରୋକିବା ଦିଗରେ ଅବକାରୀ ବିଭାଗ ଓ ସ୍ଥାନୀୟ ପୁଲିସ ଉଭୟ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ନିର୍ବାଚନ ପାଇଁ ପୁଲିସ ଯାଞ୍ଚ କଡ଼ାକଡ଼ି



**ରାଉରକେଲା, ୧୪ ।୩(ସମିସ):** ଆସୁଛି ୨୦୨୪ ସାଧାରଣ ନିର୍ବାଚନ। ଏ ନେଇ ତାରିଖ ଘୋଷଣା ହୋଇ ନ ଥିଲେ ମଧ୍ୟ ଏପ୍ରିଲରେ ନିର୍ବାଚନ ହେବ ବୋଲି ଚର୍ଚ୍ଚା ଚାଲିଛି। ଏହାରି ମଧ୍ୟରେ ଓଡ଼ିଶାରେ ବିଜେପି ଓ ବିଜେଡି ମଧ୍ୟରେ ମେଣ୍ଟ ଚର୍ଚ୍ଚା ମଧ୍ୟ ଜାରି ରହିଛି। ଏହାକୁ ନେଇ ଉଭୟ ଦଳର ନେତା, ମନ୍ତ୍ରୀଙ୍କଠାରୁ ଆରମ୍ଭ କରି କୁଜିନେତା, କର୍ମୀମାନଙ୍କ ମଧ୍ୟରେ ବେଶ୍ ଚର୍ଚ୍ଚା ଚାଲିଛି। ଦିନ ଗଡ଼ି ଚାଲିଥିବା ବେଳେ ସମସ୍ତଙ୍କ ଛାତି ଧଡ଼ଧଡ଼ ହେବାରେ ଲାଗିଛି। ନିର୍ବାଚନକୁ ନେଇ ରାଜନୈତିକ ଉଷ୍ମତା ତୀବ୍ର ହେବାରେ ଲାଗିଛି। ମେଣ୍ଟ ଓ ନିର୍ବାଚନ ତାରିଖ ଘୋଷଣା ହେବାକୁ ନେଇ ସମସ୍ତେ ଚାହିଁ ରହିଛନ୍ତି। ତେବେ ନିର୍ବାଚନକୁ ଦୃଷ୍ଟିରେ ରଖି ପୁଲିସ ସଜାଗ ରହିଛି। ଏହି କ୍ରମରେ ଜିଆରପି ଥାନା ପୁଲିସ ଓ ଆରପିଏଫ ପକ୍ଷରୁ ମିଳିତ ଭାବେ ରେଲୱେ ଷ୍ଟେସନ ଓ ବିଭିନ୍ନ ଟ୍ରେନଗୁଡ଼ିକରେ ଯାଞ୍ଚ କଡ଼ାକଡ଼ି କରାଯାଇଛି। କେହି ଯାତ୍ରୀ ମୋଟା ଅଙ୍କର ଟଙ୍କା ନେଉଛି କି, ମାଦକଦ୍ରବ୍ୟ ଚାଲାଣ ହେଉଛି କି, ନିର୍ବାଚନ ସମ୍ବନ୍ଧୀୟ ଅନ୍ୟ କିଛି କାମ କରାଯାଉଛି କି ଏଭଳି ବିଭିନ୍ନ ଦିଗକୁ ନେଇ ଯାଞ୍ଚ ଜାରି ରହିଛି। ସମସ୍ତ ଯାତ୍ରୀଙ୍କ ଲଗେଜ୍ ସମେତ ସମସ୍ତ ସାମଗ୍ରୀ ଯାଞ୍ଚ କରାଯାଉଛି। କାହାରି ଉପରେ ସନ୍ଦେହ ହେଲେ ଅଧିକ ପଚରାଉଚରା କରାଯାଉଛି। ନିର୍ବାଚନ ପାଖେଇ ଆସିଲେ ଏଭଳି ଯାଞ୍ଚ ଆହୁରି କଡ଼ାକଡ଼ି କରାଯିବ ବୋଲି କୁହାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ଲାଠିକଟା ବ୍ଲକ ସରପଞ୍ଚ ସଂଘ

**ରାଉରକେଲା, ୧୪ ।୩(ସମିସ):** ରାଜ୍ୟ ସରକାର ବୁଧବାର ପଞ୍ଚାୟତିରାଜ ପ୍ରତିନିଧିଙ୍କ ଭତ୍ତା ବୃଦ୍ଧି କରିଛନ୍ତି। ଏ ନେଇ ଲାଠିକଟା ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି କ୍ରମରେ ଗର୍ଜନ ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଗର୍ଜନ ସରପଞ୍ଚ ସଚିନ ଏକ୍କାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଲାଠିକଟା ବ୍ଲକର ବିଭିନ୍ନ ପଞ୍ଚାୟତ ସମେତ ବଣାଇଁ, କୁତ୍ରା, ରାଜଗାଙ୍ଗପୁର ଅଞ୍ଚଳର ସରପଞ୍ଚମାନେ ଯୋଗଦେଇଥିଲେ। କିଛିମାସ ତଳେ ସରପଞ୍ଚ ସଂଘ ପକ୍ଷରୁ ୧୦ ଦାବି ନେଇ କଲମଛାଡ଼ ଆନ୍ଦୋଳନ କରାଯିବା ସହ ଭୁବନେଶ୍ୱରରେ ମଧ୍ୟ ଆନ୍ଦୋଳକ କରାଯାଇଥିଲା। ଦୀର୍ଘ ୪୩ ଦିନ ଧରି ଆନ୍ଦୋଳନ କରିବା ପରେ ତାଙ୍କ ଦାବି ଉପରେ ବିଚାର ନିଶ୍ଚିତ କରାଯିବ ବୋଲି ସରକାରଙ୍କ ପକ୍ଷରୁ ସଂଘକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ତେବେ ଏହି ୧୦ ଦାବି ମଧ୍ୟରୁ ମୁଖ୍ୟମନ୍ତ୍ରୀ ୪ଟି ପୂରଣ କରିଛନ୍ତି। ସରପଞ୍ଚଙ୍କ ମାସିକ ଭତ୍ତା ବୃଦ୍ଧି, ସରପଞ୍ଚ ସହ ବିଡିଓଙ୍କ ହସ୍ତାକ୍ଷର ବନ୍ଦ କରାଯିବ। ବୃଦ୍ଧବୃଦ୍ଧାଙ୍କ ମାସିକ ଭତ୍ତା ୫୦୦ରୁ ୧ ହଜାରକୁ ବୃଦ୍ଧି କରାଯାଇଛି। ସେହିପରି ୫ ବର୍ଷ କାର୍ଯ୍ୟକାଳ ସମୟରେ ସରପଞ୍ଚମାନଙ୍କ ମୃତ୍ୟୁ ହେଲେ ତାଙ୍କ ପରିବାର ଲୋକଙ୍କୁ ୨ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏହି ଦାବିଗୁଡ଼ିକ ମୁଖ୍ୟମନ୍ତ୍ରୀ ପୂରଣ କରିଥିବାରୁ ସଂଘ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଆଗାମୀ ଦିନରେ ଅନ୍ୟ ଦାବିଗୁଡ଼ିକ ପୂରଣ କରିବାକୁ ଅନୁରୋଧ କରାଯାଇଛି।

# ପୂର୍ବତନ ବଣିକ ସଂଘ ସଭାପତିଙ୍କ ଶେଷକୃତ୍ୟ ସମ୍ପନ୍ନ



**ରାଉରକେଲା, ୧୪ ।୩(ସମିସ):** କାର୍ ଯୋଗେ ରାଉରକେଲାରୁ ଝାରସୁଗୁଡ଼ା ଯାଉଥିବା ବେଳେ ୧୦ନଂ ରାଜ୍ୟ ରାଜପଥର ସୁନ୍ଦରଗଡ଼ ଜିଲ୍ଲା ରାଣୀବଗିଚା ନିକଟରେ ସଡ଼କ ଦୁର୍ଘଟଣା ଘଟି ବୁଧବାର ରାଉରକେଲା ବଣିକ ସଂଘର ପୂର୍ବତନ ସଭାପତି ଦୀନଦୟାଲ ଅଗ୍ରୱାଲଙ୍କ ମୃତ୍ୟୁ ହୋଇଥିଲା। ଗୁରୁବାର ବେଦବ୍ୟାସଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଗୁରୁବାର ତାଙ୍କ ମରଶରୀର ରାଉରକେଲାରେ ପହଞ୍ଚିଥିଲା। ପରେ ତାଙ୍କ ବାସଭବନରୁ ଅନ୍ତିମ ଯାତ୍ରା ବାହାରିଥିଲା। ଏଥିରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅଗ୍ରୱାଲଙ୍କ ଅନ୍ତିମ ଯାତ୍ରା ବଣିକ ସଂଘ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସଦସ୍ୟମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବତନ ସଭାପତି ସୁବ୍ରତ ପଟ୍ଟନାୟକ, ଗୋପାଳ ବାଗଡ଼ିଆ, ଉପସଭାପତି ଗୁରୁମିତ ସିଂହ, ନରେଶ ଆର୍ଯ୍ୟ, ଶିଳ୍ପପତି ବିଏନ୍ ପଟ୍ଟନାୟକ, ସନ୍ତୋଷ ପାରିକ, ବ୍ରିଜମୋହନ ଅଗ୍ରୱାଲ, ଆଦିତ୍ୟ କୁଶବ ମହାପାତ୍ର, ଅନୁପମ ଯୋଶୀ, ପ୍ରବୀଣ ଗର୍ଗ, ଅଶୋକ ଅଗ୍ରୱାଲ, ଋଷି ଆର୍ଯ୍ୟ, ଆଶୁତୋଷ ସିଂହଲ, ମଳୟ ମଣ୍ଡଳ, ଅନୁପ ଗୁପ୍ତା, ଶୈଳେନ୍ଦ୍ର ମାରୋଠିଆ, ଦିଲୀପ ଶର୍ମା, ଅନୁପ ଟେବ୍ରିୱାଲ, କମଳ ଅଗ୍ରୱାଲ, ପପୁ ଅଗ୍ରୱାଲ, ଶ୍ୟାମ ପାଟୋଡିଆ, ଭୂଷଣ ଅଗ୍ରୱାଲ, ସାନୱାର ଅଗ୍ରୱାଲ, ବବଲୁ ସୁଲତାନିଆଙ୍କ ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ବେଦବ୍ୟାସଠାରେ ବଡ଼ପୁଅ ନୀରଜ ଅଗ୍ରୱାଲ ମୁଖାଗ୍ନି ଦେଇଥିଲେ। ଦୀନଦୟାଲଙ୍କ ଦେହାନ୍ତରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

# ବିପଦସଙ୍କୁଳ ଅବସ୍ଥାରେ କରିମ୍ ବନ୍ଧର ପୋଲ

**କୁଆଁରମୁଣ୍ଡା, ୧୪ ।୩ (ସମିସ):** କୁଆଁରମୁଣ୍ଡା ପଞ୍ଚାୟତ କରିମ୍ ବନ୍ଧ ସଂଲଗ୍ନ ପୋଲ ମରାମତି ଅଭାବରୁ ଅତ୍ୟନ୍ତ ବିପଦସଙ୍କୁଳ ହୋଇପଡ଼ିଛି। ଫଳରେ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି। ଏହି ପୋଲ ଉପରେ କୁଆଁରମୁଣ୍ଡା ଅଞ୍ଚଳରେ ଥିବା ବିଭିନ୍ନ କଳକାରଖାନାରୁ ମାଲ୍ ବୋଝେଇ ଭାରୀଯାନ ଚଳାଚଳ ଯୋଗୁଁ ପୋଲ ଭାଙ୍ଗିଯାଇଥିଲା। ତେବେ ଇତିମଧ୍ୟରେ ବର୍ଷେ ବିତିଯାଇଥିଲେ ହେଁ ଏହାକୁ ମରାମତି କରିବାରେ ବିଭାଗୀୟ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରୁ ନ ଥିବା ଅଭିଯୋଗ ହୋଇଛି। ପୋଲ ନିକଟରେ ଥିବା ପୋଖରୀ ଶୁଖିଯାଇଥିବାରୁ ଲୋକେ ପୋଖରୀ ପାଖ ଦେଇ ଯିବାଆସିବା କରୁଛନ୍ତି। କିନ୍ତୁ ବର୍ଷା ଋତୁରେ ପୋଖରୀରେ ପାଣି ଭର୍ତ୍ତି ରହୁଥିବାରୁ ଅସୁବିଧା ସମ୍ମୁଖୀନ ହେବା ଆଶଙ୍କା ରହିଛି। ଏହି ରାସ୍ତା ଦେଇ କେବଳ ଦୁଇଚକିଆ ଯାନ ଯାତାୟାତ କରି ପାରୁଛି। କୁଆଁରମୁଣ୍ଡା, ବେଲଢିପା, ନାଇକେନବାହାଲ, ଗୁଡ଼ଛପର, ଲାଞ୍ଜିବେରନା ଏବଂ କଳକାରଖାନାକୁ ଯିବାଆସିବା ପାଇଁ ପ୍ରତିଦିନ ଏହି ରାସ୍ତାକୁ ହଜାର ହଜାର ଲୋକ ବ୍ୟବହାର କରୁଛନ୍ତି। ତୁରନ୍ତ ଏହି ପୋଲର ମରାମତି କିମ୍ବା ଏକ ନୂଆ ପୋଲ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



# ସଚେତନ ନାଗରିକ ମଞ୍ଚର ବାର୍ଷିକୋତ୍ସବ ୧୬ରେ

**ରାଉରକେଲା, ୧୪ ।୩(ସମିସ):** ସହରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସଚେତନ ନାଗରିକ ମଞ୍ଚର ୧୦ମ ବାର୍ଷିକୋତ୍ସବ ଆସନ୍ତା ୧୬ ତାରିଖ ପୂର୍ବାହ୍ନ ୧୧ଟାରେ ଛେଣ୍ଡ ବିର୍ସା ମୁଣ୍ଡା ହାଉସିଂ କଲୋନୀ ଏଚଆଇଜି(ଡି)ଏ/୧ସ୍ଥିତ ସଂଘର ନିଜସ୍ୱ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। କାର୍ଯ୍ୟାଳୟ ଉଦଘାଟନ କରିବା ପାଇଁ ମଞ୍ଚ ପ୍ରତିଷ୍ଠାତା ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ ସମ୍ମତି ପ୍ରଦାନ କରିବା ସହ ମଞ୍ଚ ଦ୍ୱାରା ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିବେ। ସେହିପରି ସାଢ଼େ ୧୧ଟାରେ ମଞ୍ଚ ସଭାପତି ବିମଳ କୁମାର ବିଶିଙ୍କ ଅଧ୍ୟକ୍ଷତା ଓ ସାଧାରଣ ସମ୍ପାଦକ ପିପି ରାୟଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚର ପୁରାତନ ସଦସ୍ୟ ଓ ନୂତନ ଭାବେ ଯୋଡ଼ି ହୋଇଥିବା ସଦସ୍ୟଙ୍କ ମଧ୍ୟରେ ଭାବ ବିନିମୟ ଓ ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯିବ। ଏହି କାର୍ଯ୍ୟକ୍ରମରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ଖଣି ବିଭାଗ ଅଧୀନରେ ବାଲିଘାଟ ଓ ପଥର ଖଣି; ନିଲାମ ହେଉନି

# ବାଲି ଓ ଚିପ୍ସର କୃତ୍ରିମ ଅଭାବ: ସମସ୍ୟାରେ ଲୋକେ

ରାଉରକେଲା, ୧୪ ।୩(ସମିସ)



୨୦୨୪ ଜାନୁଆରୀରୁ ତହସିଲ ବିଭାଗରୁ ଖଣି ବିଭାଗ ଅଧୀନକୁ ଚାଲିଯାଇଛି ସମସ୍ତ ବାଲିଘାଟ ଓ ପଥର ଖଣି। ହେଲେ ଏପର୍ଯ୍ୟନ୍ତ କୌଣସି ବାଲିଘାଟ ଓ ପଥର ଖାଦାନକୁ ନିଲାମ କରାଯାଇନାହିଁ। ଏହାର ସୁଯୋଗ ନେଇ ବାଲି ଓ ଚିପ୍ସ ମାଫିଆଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି। ଦୈନିକ ହଜାର ହଜାର ଟ୍ରିପ ଚିପ୍ସ ଓ ବାଲି ଚୋରାରେ ଚାଲାଣ ହେଉଥିବାରୁ ରାଉରକେଲା ସହରରେ ବାଲି ଓ ଚିପ୍ସର କୃତ୍ରିମ ଅଭାବ ଦେଖାଦେଇଛି। ଫଳରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଠିକାଦାର ଓ ସାଧାରଣ ଲୋକେ ଘରଦ୍ୱାର ନିର୍ମାଣ କରିବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୁନ୍ଦରଗଡ଼ ଜିଲ୍ଲା ପାନପୋଷ ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ତହସିଲ ଅଞ୍ଚଳରେ ବେଆଇନ ପଥର କ୍ୱାରୀରୁ ପଥର ଖନନ ହେବା ସହ ଦୈନିକ ଶହ ଶହ ଟ୍ରକ ଏବଂ ଟ୍ରାକ୍ଟର ବୋଝେଇ ପଥର ଚାଲାଣ ଯୋଗୁଁ ରାଜସ୍ୱ ହାନି ହେଉଛି। ପାନପୋଷ ଉପଖଣ୍ଡ ଅନ୍ତର୍ଗତ ଲାଠିକଟା ବ୍ଲକ ଜଳଦା ଅଞ୍ଚଳରେ ରହିଥିବା ୭/୮ଟି ପଥର କ୍ୱାରୀରେ ଚୋରାରେ ପଥର ଖନନ ହେଉଛି। ଦୈନିକ ଶହ ଶହ ଟ୍ରକ ଏବଂ ଟ୍ରାକ୍ଟରରେ ପଥର ବୋଝେଇ ହୋଇ ବିଭିନ୍ନ ନିର୍ମାଣ କାର୍ଯ୍ୟ ପାଇଁ ଚୋରା ଚାଲାଣ ହେଉଛି।

ସେହିପରି ଲାଠିକଟା ବ୍ଲକ ବଲଣ୍ଡା, ଗୋଟିଧର, ଡଳାକୁଦର, ଖଇରିବନ୍ଧ ଅଞ୍ଚଳରେ ମଧ୍ୟ ୩୦ରୁ ଊର୍ଦ୍ଧ୍ୱ ପଥର କ୍ୱାରୀ ରହିଛି। ଏଗୁଡ଼ିକର ଲାଇସେନ୍ସ ଦୀର୍ଘଦିନ ଧରି ନବୀକରଣ ହୋଇ ନାହିଁ। ଖଣି ବିଭାଗ ଅଧୀନକୁ ଆସିବା ପରେ ସମସ୍ତ ପଥର ଖଣି ବନ୍ଦ କରି ଦିଆଯାଇଛି। ପୂର୍ବରୁ ତହସିଲ ପକ୍ଷରୁ ପଥର ଖଣି ନିଲାମଧାରୀମାନଙ୍କୁ ଟ୍ରାଞ୍ଜିଟ୍ ପାସ୍ (ଟିପି) ଦିଆଯାଉଥିଲା। ଏଥିରେ କେତେ ପରିମାଣର ବାଲି କିମ୍ବା ଚିପ୍ସ ନିଆଯାଉଛି ତାହା ଉଲ୍ଲେଖ କରାଯିବା ସହ ନିର୍ଦ୍ଧାରିତ ସରକାରୀ ମୂଲ୍ୟ ମଧ୍ୟ ଉଲ୍ଲେଖ କରାଯାଉଥିଲା। ହେଲେ ବର୍ତ୍ତମାନ ଖଣି ବିଭାଗ ଟିପି ସିଷ୍ଟମ ବନ୍ଦ କରି ସମସ୍ତ କାରବାର ଅନଲାଇନ କରିଛି। କେବଳ ଲାଠିକଟା ତହସିଲର ଗୋଟିଧରରେ ଦୁଇଟି ପଥର ଖଣି କାର୍ଯ୍ୟକ୍ଷମ ରହିଥିବା ବେଳେ ଅନ୍ୟ ସମସ୍ତ ଖାଦାନ ବେଆଇନ ବୋଲି ଅଭିଯୋଗ ହୋଇଛି। ବେଆଇନ ଭାବେ ପଥର ବ୍ଲାଷ୍ଟିଂ ଓ ଖନନ ହୋଇ ଚୋରାରେ ବିକ୍ରି ହେଉଥିବାରୁ କ୍ରସର ମାଲିକମାନେ ବିଭାଗୀୟ ଅଧିକାରୀଙ୍କୁ ମୋଟା ଅଙ୍କର ହାତଗୁଞ୍ଜା ଦେବାକୁ ପଡୁଛି। ଫଳରେ ଠିକାଦାର ଓ ଘରୋଇ ମାଲିକମାନେ ଚଢ଼ା ଦରରେ ଚିପ୍ସ କ୍ରୟ କରୁଛନ୍ତି। ପୂର୍ବରୁ ଚିପ୍ସର ମୂଲ୍ୟ ୩୦ ଟଙ୍କା ସିଏଫଟି ରହିଥିଲା ବେଳେ ବର୍ତ୍ତମାନ ଏହା ୪୫ ଟଙ୍କାକୁ ବୃଦ୍ଧି ପାଇଛି। ସେହିଭଳି ହାଇୱାରେ ଗୋଟିଏ ବାଲି ଟ୍ରିପ୍ ମୂଲ୍ୟ ୫ରୁ ୬ ହଜାର ଟଙ୍କା ଥିଲା। ବର୍ତ୍ତମାନ ଏହା ୧୦ରୁ ୧୨ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ଟ୍ରାକ୍ଟର ପିଛା ବାଲି ଟ୍ରିପ ପୂର୍ବରୁ ୮୦୦ରୁ ୯୦୦ ଟଙ୍କା ଥିଲା। ବର୍ତ୍ତମାନ ଏହା ୧୫ ଶହରୁ ୧୭ ଶହ ଟଙ୍କା ହୋଇଯାଇଛି। ଫଳରେ ବାଧ ହୋଇ ଠିକାଦାର ଓ ଘର ମାଲିକମାନଙ୍କୁ ଅଧିକ ମୂଲ୍ୟରେ ଚିପ୍ସ କ୍ରୟ କରିବାକୁ ପଡୁଛି। ଦୈନିକ ଶହ ଶହ ସଂଖ୍ୟାରେ ହାଇୱାରେ ବୋଝେଇ ହୋଇ ଚିପ୍ସ କୋଇଡ଼ା ଚାଲାଣ ହେଉଛି। ଫଳରେ ଚିପ୍ସର କୃତ୍ରିମ ଅଭାବ ଯୋଗୁଁ ସମସ୍ୟା ଦେଖାଦେଇଛି। ସେପଟେ ଖାଦାନ ଓ କ୍ରସରଗୁଡ଼ିକ ମୁଖ୍ୟ ରାସ୍ତାରୁ ଭିତରକୁ ରହିଥିବାରୁ ସେମାନଙ୍କ ବେଆଇନ କାରନାମା ପ୍ରଶାସନ ନଜରକୁ ଆସୁ ନ ଥିବା କୁହାଯାଉଛି।

ସେହିପରି ବିଶ୍ରା ବ୍ଲକ ଭାଲୁଲତା, କପରଣ୍ଡା, ଜରେଇକେଲା, ମହିପାଣି ପ୍ରଭୃତି ଅଞ୍ଚଳରେ ଥିବା ବେଆଇନ ପଥର ଖାଦାନରୁ ପଥର ଖନନ ହେବା ସହ ଦୈନନ୍ଦିନ ଟ୍ରକ୍, ଡମ୍ପର ଓ ଟ୍ରାକ୍ଟର ଯୋଗେ ବିଭିନ୍ନ ଅଞ୍ଚଳ ତଥା ଝାଡ଼ଖଣ୍ଡକୁ ମାଙ୍କଡ଼ା ପଥର ଚାଲାଣ ହେଉଛି।

### ● ମାଫିଆଙ୍କ ଭୂସ୍ୱର୍ଗ: ବଢୁଛି ଚୋରା ଚାଲାଣ

ସ୍ପଷ୍ଟ ଦିବାଲୋକରେ ପଥର ଗାଡ଼ିଗୁଡ଼ିକ ବିଭିନ୍ନ ଗ୍ରାମ ଓ ବସ୍ତିକୁ ଚାଲାଣ ହେଉଛି। କୁଆଁରମୁଣ୍ଡା ଓ ବୀରମିତ୍ରପୁର ତହସିଲ ଅଧୀନରେ ୧୦ରୁ ଊର୍ଦ୍ଧ୍ୱ ପଥର କ୍ୱାରୀରୁ ବେଆଇନ ଭାବେ ପଥର ଚୋରା ଚାଲାଣ ହେଉଥିବା ବେଳେ ଖଣି କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜିଛନ୍ତି। ଫଳରେ ସରକାର ପାନପୋଷ ଉପଖଣ୍ଡର ଏହିସବୁ ଅଞ୍ଚଳରୁ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ପଥର ଚୋରା ଚାଲାଣ ମାଫିଆଙ୍କ ସହ ବିଭାଗୀୟ କିଛି ଅସାଧୁ କର୍ମଚାରୀ ଅଧିକାରୀଙ୍କ ମେଣ୍ଟ ହୋଇଥିବା ସନ୍ଦେହକୁ ଏଡ଼ାଇ ଦିଆଯାଇ ନ ପାରେ।

ସେହିପରି ପାନପୋଷ ଉପଖଣ୍ଡରେ ଥିବା ବିଭନ୍ନ ନଦୀରୁ ବେଆଇନ ଭାବେ ହଜାର ହଜାର ଟ୍ରକ ବାଲି ଖନନ ହେଉଛି। ତାହା ପୁଣି ଜେସିବି କିମ୍ବା ପୋକ୍ଲେନ ଦ୍ୱାରା। ଏହାପରେ ଡମ୍ପର, ହାଇୱା, ମିନି ଟ୍ରକ ଏବଂ ଟ୍ରାକ୍ଟର ଦ୍ୱାରା ବୋଝେଇ ହୋଇ ଦିନରାତି ଚୋରାରେ ବୁହା ଚାଲିଛି। ଏହି ଚୋରା ଚାଲାଣକୁ ଖଣି ବିଭାଗ ଏବଂ ପୁଲିସ ସ୍ପଷ୍ଟ ଦିବାଲୋକରେ ଦେଖୁଥିଲେ ମଧ୍ୟ ନ ଦେଖିଲା ପରି ନିରବ ରହିବା ଘଟଣା ସେମାନଙ୍କର ବାଲି ମାଫିଆଙ୍କ ସହ ମଧୁଚନ୍ଦ୍ରିକା ରହିଥିବା ସମ୍ଭାବନାକୁ ଅଧିକ ସୁଦୃଢ଼ କରିଛି। ସମ୍ପ୍ରତି ନଦୀରୁ ବାଲି ଉଠାଣ ପାଇଁ ଅଧିକାଂଶ ଠିକାସଂସ୍ଥାର ବୈଧ ଲାଇସେନ୍ସ ନାହିଁ। ପାନପୋଷ ଉପଖଣ୍ଡ ଅଧୀନରେ କୋଏଲ, ଶଙ୍ଖ, ବ୍ରାହ୍ମଣୀ ନଦୀ ସମେତ ଛୋଟ ଛୋଟ ଶାଖା ନଦୀ ପ୍ରବାହିତ ଯାହାକି ସୁନ୍ଦରଗଡ଼ ଜିଲ୍ଲାର ମନୋରମ ପ୍ରାକୃତିକ ଆଭା ଓ ସୁଷମାକୁ ଶତଗୁଣରେ ବୃଦ୍ଧି କରିଥାଏ। ହେଲେ ପ୍ରକୃତିର ଏହି ଅପରୂପ ସୌନ୍ଦର୍ଯ୍ୟ ରାଜି ମଧ୍ୟରେ କଣ୍ଟା ସାଜିଛନ୍ତି ଶହ ଶହ ବାଲି ମାଫିଆ। ପାନପୋଷ ଉପଖଣ୍ଡ ଅନ୍ତର୍ଗତ ଲାଠିକଟା ତହସିଲର ବ୍ରାହ୍ମଣୀ ନଦୀ କୂଳରେ ଅଟାଘାଟ ଏବଂ ଟାଇଁସର ନଦୀଘାଟରୁ ଦୈନିକ ଶହ ଶହ ଟ୍ରକ ବାଲି ଚୋରା ଚାଲାଣ ହେଉଛି। ବିଶେଷ କରି ଟାଇଁସର ନଦୀଘାଟରେ ୭ଟି ସ୍ଥାନରେ ନଦୀରୁ ଜେସିବି ଏବଂ ପୋକ୍ଲେନ ଦ୍ୱାରା ବେଆଇନ ଭାବେ ନଦୀ ଗର୍ଭରୁ ସ୍ପଷ୍ଟ ଦିବାଲୋକରେ ବାଲି ଖନନ କରାଯାଉଛି। ବ୍ରାହ୍ମଣୀ ନଦୀର ଏହି ବାଲିଘାଟକୁ ଯିବା ପାଇଁ ଜଳସେଚନ ବିଭାଗ ପକ୍ଷରୁ ନିର୍ମିତ ନଦୀବନ୍ଧକୁ ବେଆଇନ ଭାବେ କାଟି ମାଫିଆମାନେ ନଦୀରୁ ବାଲି ଉଠାଉଛନ୍ତି। ଦୈନିକ ଟ୍ରାକ୍ଟର, ହାଇୱା, ମିନିଟ୍ରକ ଏବଂ ଡମ୍ପରରେ ବାଲି ବୋଝେଇ ହୋଇ ଟାଇଁସର, ଗର୍ଜନ, ଲାଠିକଟା, ଡଳାକୁଦର, ମନକୋ, ବାଲିଯୋଡ଼ି, ସାରନଗରୀ, ଜଗଦା, କଟନି, ଦେଓଗାଁ, ସିଭିଲ ଟାଉନସିପ, ପାନପୋଷ ତଥା ସେକ୍ଟରର ବିଭିନ୍ନ ଅଞ୍ଚଳକୁ ଚାଲାଣ କରାଯାଉଛି। ଟାଇଁସର ନଦୀଘାଟରୁ ୧୪୩ ନମ୍ବର ଜାତୀୟ ରାଜପଥ ହୋଇ ଥାନା ସମ୍ମୁଖରେ ଏହି ଚୋରାବାଲି ବୋଝେଇ ଗାଡ଼ି ଯାଉଥିଲେ ମଧ୍ୟ ପୁଲିସ ନିରବଦ୍ରଷ୍ଟା ସାଜିବା ସେମାନଙ୍କ ଅସାଧୁ ସମ୍ପୃକ୍ତି ସନ୍ଦେହକୁ ଅଧିକ ଘନିଷ୍ଠ କରିଛି। ବାଲି କୋଏଲ ନଦୀର ତେତରକେଲା ନଦୀଘାଟ, ପୁରୁଣାପାଣି ନିକଟ ଦେଓନଦୀ ଘାଟ ଏବଂ ଖୁଣ୍ଟଗାଁ ଗୋପୁର ନଦୀଘାଟ ଆଦିରୁ ଦୈନିକ ହଜାର ହଜାର ସଂଖ୍ୟାରେ ଗାଡ଼ିରେ ବାଲି ଚୋରା ଚାଲାଣ ହେଉଛି। ସମ୍ପ୍ରତି ବାଲି ଉଠାଣ ନେଇ କୌଣସି ବୈଧତା ନ ଥିବା ଜଣାପଡ଼ିଛି। ଯାହାର ବି ଅସ୍ଥାୟୀ ପରମିଟ ଅଛି ସେମାନେ ଗୋଟିଏ ଟିପିରେ ୧ ଟ୍ରିପ୍ ପରିବର୍ତ୍ତେ ଶହ ଶହ ଟ୍ରିପ୍ ବାଲି ଚୋରା ଚାଲାଣ କରୁଥିବା ଗୁରୁତର ଅଭିଯୋଗ ହେଉଛି। ତେବେ ଏହି ବାଲି ଉଠାଣ ଦ୍ୱାରା କୋଟି କୋଟି ଟଙ୍କାର ରାଜସ୍ୱ ରାଜ୍ୟ ତହବିଲ ପାଣ୍ଠିକୁ ନ ଆସି ବାଟମାରଣା ହେଉଥିବା ବେଳେ ଖଣି କର୍ମଚାରୀ ତଥା ସମ୍ପୃକ୍ତ ଅଞ୍ଚଳର ପୁଲିସ



ମାଫିଆମାନେ ନିଜ ଜମିରେ ବାଲି ଠୁଳ କରି ଚଢ଼ା ଦରରେ ବିକ୍ରି କରୁଛନ୍ତି।

ସେହିପରି ରାଉରକେଲା ଖଣି ବିଭାଗ ଅନ୍ତର୍ଗତ ବ୍ରାହ୍ମଣୀ ନଦୀର ତରକେରା ବାଲିଘାଟ, କୋଏଲ ନଦୀର ସେକ୍ଟର-୧୬ ବାଲିଘାଟ, ବିଶ୍ରା ତହସିଲ ଅନ୍ତର୍ଗତ କୋଏଲ ନଦୀର ଝିରପାଣି ବାଲିଘାଟ, ଜବାଘାଟ ନଦୀଘାଟ, ନୂଆଗାଁ ବ୍ଲକ ଅନ୍ତର୍ଗତ ଅଧିକାରୀଙ୍କ ଏ ଘଟଣାରେ ନିରବତା ସେମାନଙ୍କ ସମ୍ପୃକ୍ତି ନେଇ ସିଧାସଳଖ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏଥିପ୍ରତି ଖଣି ବିଭାଗ ଉଚ୍ଚ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟିଦେଇ ଉକ୍ତ ବେଆଇନ୍ ପଥର ଖଦାନ ଓ ବାଲିଘାଟରେ ଅଚାନକ ଚଢ଼ଉ କଲେ ସରକାରଙ୍କ ବିପୁଳ ରାଜସ୍ୱ କ୍ଷତିକୁ ରୋକାଯାଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ବିସ୍ଥାପନ ସମସ୍ୟା ନେଇ ଆନ୍ଦୋଳନକୁ ଓହ୍ଲାଇଲା ବିସ୍ଥାପିତ ଅଧିକାର ସୁରକ୍ଷା ମଞ୍ଚ

# ସାଧାରଣ ନିର୍ବାଚନ ବର୍ଜନ ଚେତାବନୀ

**ସୁନ୍ଦରଗଡ଼,୧୪ ।୩(ସମିସ):** ବିଭିନ୍ନ ଦାବିରେ ବସୁନ୍ଧରା ଓ ମହାଲକ୍ଷ୍ମୀ ବିସ୍ଥାପିତ ଅଧିକାର ସୁରକ୍ଷା ମଞ୍ଚ ବାରମ୍ବାର ଆନ୍ଦୋଳନ କରି ଆସୁଥିଲେ ହେଁ ଦାବି ପ୍ରତି ପ୍ରଶାସନ ଅଣଦେଖା କରିଚାଲିଛି। ଫଳରେ ସଭାପତି ରାଜେନ୍ଦ୍ର ନାଏକଙ୍କ ନେତୃତ୍ୱରେ ଗୁରୁବାର ମଞ୍ଚ ଦୁର୍ବାର ଆନ୍ଦୋଳନକୁ ଓହ୍ଲାଇଛି। ପୂର୍ବାହ୍ନରେ ମଞ୍ଚର ଶହ ଶହ ସଭ୍ୟସଭ୍ୟା ହାତରେ ବିଭିନ୍ନ ପ୍ଲାକାର୍ଡ ଧରି ସହର ପରିକ୍ରମା କରିଥିଲେ। ସେମାନେ ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ରରୁ ବାହାରି ବିଏସ ହାଇସ୍କୁଲ ଛକ, ରଙ୍ଗାଡିପା, ହସ୍ପିଟାଲ ଛକ, ଡିଆରଡିଏ ଛକ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଓଡ଼ିଶା ଆରଆର ନୀତିର



ସଠିକ କାର୍ଯ୍ୟକାରୀ କରିବା ପାଇଁ ଦାବି କରିଥିଲେ। ବିସ୍ଥାପିତଙ୍କୁ ନ୍ୟାୟ ନ ଦେଇ ଖଣି ଖନନକୁ ଦୃଢ଼ ବିରୋଧ କରିଥିଲେ। ନିଯୁକ୍ତି ବିନା ଖଣି ଖନନ ଚଳିବ ନାହିଁ ନାରା ଦେଇଥିଲେ। ସେହିପରି ରତନସରା ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ବିସ୍ଥାପନ ସମସ୍ୟା ସମ୍ପର୍କରେ ବିସ୍ତୃତ ଭାବେ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଚେତାବନୀ ଦିଆଯାଇଛି। ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ସ୍ମାରକପତ୍ର ଗ୍ରହଣ କରିଥିଲେ। ମଞ୍ଚ ସମ୍ପାଦକ ନାରାୟଣ ପେଟଲ, ସହ ସମ୍ପାଦକ ସଞ୍ଜୟ କର୍ତ୍ତା, ମୋତିଲାଲ ପେଟଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ସୁଧାରାଣୀ ରାଉଡ଼ିଆ, ସୁଶିଲ ନାଏକ, ହୃଦାନନ୍ଦ ଅଡ଼ା, ଟେକଚାନ୍ଦ ଦାସ, ଶିବ ମେହେର, ଧନେଶ୍ୱର ଚୌଧୁରୀ, କୁମୁଦବନ୍ଧୁ ପ୍ରଧାନ, ଶେଷବତି ପ୍ରଧାନ, ଭାରତୀ ପେଟଲ, ସୁନିମା ପେଟଲ, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସା, ସରପଞ୍ଚ ପୁରବୀ ନାଏକ, ସୁଭଦ୍ରା ବୈଗା, ରବତୀ ଛତ୍ରିଆ, ଜେମିନୀ ମାଝୀ, ଡୁଲାମଣି ଛୁରା, ଜଗନ୍ନାଥ ମାଝୀ, ଶିଶିର ଦେହୁରୀ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ।

## ସୁନ୍ଦରଗଡ଼ ସହରରେ ବିରାଟ ଶୋଭାଯାତ୍ରା

## ଶ୍ରମିକ ଆନ୍ଦୋଳନର ବିନ୍ଧାଣୀ ରାଜୁବାବୁ

ଶ୍ରମିକ ଆନ୍ଦୋଳନର ଅମାଅନ୍ଧକାର ଦୂର କରି ଶ୍ରମିକ ସମାଜକୁ ନ୍ୟାୟ ଦେବା ପାଇଁ ସଂଗ୍ରାମର କଣ୍ଟକିତ ପଥକୁ ଯେଉଁ କେତେଜଣ ତ୍ୟାଗୀପୁରୁଷ ଆବୋରି ନେଇଥିଲେ ସେମାନଙ୍କ ମଧ୍ୟରେ ରାଜକିଶୋର ସାମନ୍ତରାୟ ଚିରନମସ୍ୟ। ପିତା ହୃଷୀକେଶଙ୍କ ଔରସରୁ ଓ ମାତା କୁନ୍ତଳା କୁମାରୀଙ୍କ ଗର୍ଭରୁ ୧୯୨୮ ମାର୍ଚ୍ଚ ୧୫ ତାରିଖରେ ଅବିଭକ୍ତ ପୁରୀ ଜିଲ୍ଲା (ଅଧୁନା ଖୋର୍ଦ୍ଧା ଜିଲ୍ଲା)ର ସ୍ୱର୍ଣ୍ଣପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ରାଜକିଶୋର ସାମନ୍ତରାୟଙ୍କ ଶିକ୍ଷା, ଦୀକ୍ଷା ଓ କର୍ମଭୂମି ଥିଲା କଟକ। ଡଗରପଡ଼ା ଉପ୍ରା ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା, ଭକ୍ତ ମଧୁ ବିଦ୍ୟାପୀଠରେ ମାଟ୍ରିକ୍ ପରେ ଖ୍ରୀଷ୍ଟ କଲେଜରୁ କଳାରେ ସ୍ନାତକ (ସମ୍ମାନ)ରେ ଉତ୍ତୀର୍ଣ୍ଣ ହୋଇ ସଚିବାଳୟରେ ସେ କିଛିଦିନ ପାଇଁ କିରାଣି ଚାକିରି କରିଥିଲେ। ୧୯୪୬ରୁ ଛାତ୍ର କଂଗ୍ରେସର ଜଣେ ସକ୍ରିୟ ସଦସ୍ୟ ଥିବା ରାଜକିଶୋର ୧୯୪୮ରେ ପ୍ରବୀଣ ଜନନେତା ସ୍ୱାଧୀନତା ଓ ସମାଜବାଦୀ ଆନ୍ଦୋଳନର କର୍ଣ୍ଣଧାର ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଚାକିରି ଛାଡ଼ି ସମାଜବାଦୀ ଆନ୍ଦୋଳନରେ ଯୋଗଦେଇଥିଲେ। ଜଣେ ନିଷ୍ଠାପର କର୍ମୀ ଭାବେ ସମାଜବାଦୀ ପାର୍ଟି ଓ ହିନ୍ଦ୍ ମଜଦୁର ସଭାରେ ଯୋଗଦେଇ ପରବର୍ତ୍ତୀ ସମୟରେ ତାହାର ସଭାପତି ଦାୟିତ୍ୱ ନିର୍ବାହ କରିଥିଲେ।

କଟକ ମ୍ୟୁନିସିପାଲିଟିର କାଉନସିଲର ଭାବେ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିବା ରାଜକିଶୋର ପରବର୍ତ୍ତୀ ସମୟରେ ପ୍ରଜା ସୋସିଆଲିଷ୍ଟ ପାର୍ଟିର ପ୍ରଦେଶ ସମ୍ପାଦକ ତଥା ରାଉରକେଲା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରଜା ସୋସିଆଲିଷ୍ଟ ପାର୍ଟି ପ୍ରାର୍ଥୀ ହୋଇ୧୯୬୭ରେ ରାଉରକେଲାର ପ୍ରଥମ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ ରାଜନେତା ଅପେକ୍ଷା ଶ୍ରମିକ ନେତା ଭାବେ ଆନ୍ତର୍ଜାତିକ ସ୍ତରରେ ତାଙ୍କର ପରିଚୟ ଥିଲା। ୧୯୫୪ରେ ବିଶିଷ୍ଟ ପରିବେଶବିତ



ବାଙ୍କବିହାରୀ ଦାସଙ୍କ ସାନ ଭଉଣୀ ପଦ୍ମିନୀ ସାମନ୍ତରାୟଙ୍କୁ ସେ ବିବାହ କରିଥିଲେ। ୧୯୫୬ରୁ ୧୯୬୬ ପର୍ଯ୍ୟନ୍ତ ଚୌଦ୍ୱାର-କଟକ ଶିଳ୍ପାଞ୍ଚଳରେ ଶ୍ରମିକ ଆନ୍ଦୋଳନ ଏବଂ ରାଉରକେଲା ଓ ସୁନ୍ଦରଗଡ଼ ଜିଲ୍ଲାରେ ଶ୍ରମିକ ଆନ୍ଦୋଳନକୁ ସେ ଏକ ନୂଆ ଦିଗ ଦେଖାଇଥିଲେ। ଆଜିପର୍ଯ୍ୟନ୍ତ ରାଉରକେଲା ଇସ୍ପାତ କାରଖାନାର କର୍ମଚାରୀ ପାଉଥିବା ସମସ୍ତ ସୁଖ-ସୁବିଧା ତାଙ୍କ ସ୍ୱୀକୃତି ସମୟ (୧୯୬୭ରୁ ୧୯୯୫)ର ଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ।

ଆଜି ଯେତେବେଳେ ଜଗତୀକରଣ, ଉଦାରୀକରଣ ଓ ଘରୋଇକରଣର ପ୍ରଭାବରେ ଶ୍ରମିକ ଆନ୍ଦୋଳନ ଦିଗହରା ହୋଇପଡ଼ିଛି, ଶ୍ରମିକମାନଙ୍କ ଉପରେ ଅତ୍ୟାଚାର, ଦାରିଦ୍ର୍ୟ, ବେକାରୀ, ଛଟେଇ, ଅସମତା ଆଦି ବଢ଼ି ଚାଲିଛି, ସେତେବେଳେ ମନେ ପଡ଼ନ୍ତି ଶ୍ରମିକ ସମାଜର ଅତିପ୍ରିୟ ତଥା ଶ୍ରମିକ ଆନ୍ଦୋଳନର ବିନ୍ଧାଣୀ ରାଜୁବାବୁ। ସ୍ୱର୍ଗତ ରାଜୁବାବୁଙ୍କ ମରଶରୀର ପଞ୍ଚଭୂତରେ ଲୀନ ହୋଇଥିଲେ ମଧ୍ୟ ଶ୍ରମିକ ଆନ୍ଦୋଳନର ଜ୍ୟୋତି ଚିରଦିନ ପାଇଁ ପ୍ରଜ୍ୱଳିତ ହେଇ ରହିବ। ରାଉରକେଲାର ଜନମାନସରେ 'ବସ୍ତିଆ ସ୍ମୃତି ସଦନ' ହେଉ କି ରାଉରକେଲା ଆଇନ ମହାବିଦ୍ୟାଳୟ ଅବା କୌଣସି ସାମାଜିକ ତଥା ସାଂସ୍କୃତିକ ସଂଗଠନ କଥା ଆସିଲେ ରାଜୁବାବୁ ସ୍ୱତଃ ମନେପଡ଼ନ୍ତି। ରାଉରକେଲା ମଜଦୁର ସଭା ପକ୍ଷରୁ ତାଙ୍କ ଜୟନ୍ତୀକୁ 'ଯୁବ ଚେତନା ଦିବସ' ଭାବରେ ପାଳନ କରାଯାଉଥିବା ଅବସରରେ ଆଜି ଚିରସ୍ମରଣୀୟ ସ୍ୱର୍ଗତ ରାଜୁବାବୁଙ୍କ ୯୭ତମ ଜୟନ୍ତୀ ଅବସରରେ ତାଙ୍କ ଅମର ଆତ୍ମାକୁ ଶତଶତ ପ୍ରଣାମ।

**ନିରଞ୍ଜନ ସାମଲ**
ଉପ-ସାଧାରଣ ସମ୍ପାଦକ, ରାଉରକେଲା ମଜଦୁର ସଭା

### ନିଶାରେ ଛାଡ଼ି ଦେଇଥିଲେ...

## ଥାନାରେ ବାଇକ୍ ଚୋରି ଅଭିଯୋଗ କଲେ

**ରାଉରକେଲା,୧୪ ।୩(ସମିସ):** ନିଶାଗ୍ରସ୍ତ ଅବସ୍ଥାରେ ଜଣେ ଯୁବକ ନିଜ ସାଙ୍ଗ ଘରେ ବାଇକ ଛାଡ଼ି ରାତିରେ ଘରକୁ ପଳାଇ ଆସିଥିଲେ। ସକାଳେ ଉଠିବା ପରେ ବାଇକ୍ ଘରେ ନ ଥିବା ଦେଖି ପୁଲିସ ନିକଟରେ ଚୋରି ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଅଭିଯୋଗର କିଛି ଘଣ୍ଟା ପରେ ଯୁବକ ଜଣକ ଥାନାକୁ ଆସି ନିଜ ଭୁଲ ସ୍ୱୀକାର କରିବା ସହ କ୍ଷମା ପ୍ରାର୍ଥନା କରିଥିଲେ। ଏଭଳି ଘଟଣା ସେକ୍ଟର-୧୫ ଥାନାରେ ଘଟିଛି।

ସୂଚନା ମୁତାବକ, ଯୁବକ ଜଣକ କିଛିଦିନ ପୂର୍ବେ ସେକ୍ଟର-୨୦ସ୍ଥିତ ସାଙ୍ଗ ଘରକୁ ଯାଇଥିଲେ। ସେଠାରେ ମଦ୍ୟପାନ କରିବା ପରେ ରାତିରେ ବାଇକ ଛାଡ଼ି ଅନ୍ୟ ଜଣକ ସହ ଘରକୁ ପଳାଇ ଆସିଥିଲେ। ସକାଳେ ଉଠି କାମକୁ ବାହାରିବା ବେଳେ ବାଇକ ନ ଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତଦନ୍ତ ଆରମ୍ଭ କରିଥିଲା। ପ୍ରାୟ ୩ ଘଣ୍ଟା କାଳ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ଇତିମଧ୍ୟରେ ଯେଉଁ ସାଙ୍ଗ ଘରେ ବାଇକ ଛାଡ଼ିଥିଲେ ସେ ସାଙ୍ଗ ବାଇକ ଦେଖି ଯୁବକଙ୍କୁ ଫୋନ ଯୋଗେ ବାଇକ କ'ଣ ପାଇଁ ନେଇନୁ ବୋଲି ପଚାରିଥିଲେ। ପରେ ଯୁବକଙ୍କ ସବୁ କଥା ମନେ ପଡ଼ିଥିଲା। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ବ୍ୟାଟେରୀ ବୋଝେଇ ଅଟୋ ଜବତ; ୨ ଗିରଫ



**ରାଉରକେଲା,୧୪ ।୩(ସମିସ):** ବିଭିନ୍ନ ଅଞ୍ଚଳରୁ ଚୋରି ହୋଇଥିବା ବ୍ୟାଟେରୀ ବୋଝେଇ ଏକ ଅଟୋ ରିକ୍ସାକୁ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଜବତ କରିବା ସହ ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତି ଦ୍ୱୟ ହେଲେ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବୁରୁଟୋଲାର ସୋନୁ ସିଂହ (୫୮) ଓ ପ୍ଲାଣ୍ଟସାଇଟ ଥାନା ନେତାଜୀ ମାର୍ଗ ଅଞ୍ଚଳର ଏମଡି ଶାହାରୁଖ (୨୯)। ଏକ ଅଟୋରେ ଚୋରା ବ୍ୟାଟେରୀ ବୋଝେଇ ହୋଇ ବିଶ୍ରା ଛକରୁ ମଧୁସୂଦନ ମାର୍ଗ ହୋଇ ଟ୍ରାଫିକ ଗେଟ ଆଡ଼କୁ ଚାଲାଣ ହେଉଥିବା ପୁଲିସକୁ ସୂଚନା ମିଳିଥିଲା। ଏହି କ୍ରମରେ ପୁଲିସ ପାଟ୍ରୋଲିଂ ଅଧିକାରୀମାନେ ତାକୁ ଗୋଡ଼ାଇ ଧରିବା ସହ ଅଟୋ ଓ ସେଥିରେ ଥିବା ୪୮ଟି ବିଭିନ୍ନ ୱାଟର ବ୍ୟାଟେରୀ ଜବତ କରିଥିଲେ। ଏତଦବ୍ୟତୀତ ଆରପିଏଫ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଏକେ ସିଂହଙ୍କ ସରକାରୀ ବାସଭବନରୁ ଏକ ଗ୍ୟାସ ସିଲିଣ୍ଡର ଓ ଇଲେକ୍ଟ୍ରିକ ଇଣ୍ଡକ୍ସନ ଚୋରି ଅଭିଯୋଗରେ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଚୋରି ସ୍କୁଟି ଜବତ; ଯୁବକ ଗିରଫ

**ରାଉରକେଲା,୧୪ ।୩(ସମିସ):** ସ୍ଥାନୀୟ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଅମର ଭବନ ଲେନରୁ ଚୋରି ହୋଇଥିବା ଏକ ସ୍କୁଟିକୁ ପୁଲିସ ଉଦ୍ଧାର କରିବା ସହ ଏହି ଘଟଣାରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।



ଗିରଫ ଯୁବକ ହେଲେ ମଧୁସୂଦନପାଲି ଅଞ୍ଚଳର ଅନୁପ କୁମାର ଉପାଧ୍ୟାୟ (୨୧)। ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଅମର ଭବନ ଲେନରେ ରହୁଥିବା ନିକୁଞ୍ଜ ପ୍ରସାଦଙ୍କ ଧଳା ରଙ୍ଗର ଆକ୍ଟିଭା ତାଙ୍କ ଘର ସମ୍ମୁଖରେ ଛିଡ଼ା ହୋଇଥିବା ବେଳେ ଗତ ୯ ତାରିଖ ଭୋର ସାଢ଼େ ୩ ଟାରେ କେହି ଦୁର୍ବୃତ୍ତ ଚୋରି କରି ଚମ୍ପଟ ମାରିଥିଲା। ନିକୁଞ୍ଜଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ତେବେ ମଧୁସୂଦନପାଲି ବଡ଼ ପାର୍କ ନିକଟରେ ବାସ କରୁଥିବା ଅନୁପ କୁମାର ଉପାଧ୍ୟାୟ ନିକଟରେ ଉକ୍ତ ଚୋରି ଆକ୍ଟିଭା ରହିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ ଚଢ଼ଉ କରି ଆକ୍ଟିଭା ଜବତ କରିବା ସହ ଅନୁପଙ୍କୁ ଗିରଫ କରିଛି।

## ଅଚଳ ନଳକୂପ ମରାମତି ହେଲା

**ରାଉରକେଲା,୧୪ ।୩(ସମିସ):** ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୱାର୍ଡ-୨୨ ଇନ୍ଦିରା ନଗର ବସ୍ତିରେ କିଛିଦିନରୁ ନଳକୂପ ଅଚଳ ହୋଇପଡ଼ିଥିଲା। ଫଳରେ ବସ୍ତିବାସିନ୍ଦା ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏନେଇ ବିଜେଡି ଯୁବନେତା ବିକାଶ ଜେନାଙ୍କୁ ଅବଗତ କରାଇବା ପରେ ସେ ପିଏଚଇଡି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗୁରୁବାର ବିଭାଗ ପକ୍ଷରୁ ନଳକୂପର ମରାମତି କରାଯାଇଛି। ଏହି ସମସ୍ୟାର ସମାଧାନ ହେବା ପରେ ବସ୍ତିବାସିନ୍ଦାଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।



## ମଦ ଜବତ; ଜଣେ ଗିରଫ

**ରାଉରକେଲା,୧୪ ।୩(ସମିସ):** ମଙ୍ଗଳଭବନରୁ ପାୱାର ହାଉସ ଆଡ଼କୁ ଏକ ସ୍କୁଟିରେ ବିଦେଶୀ ମଦ ନେଇ ଯାଉଥିବା ବେଳେ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଅନିଲ କୁମାର ରାଉତରାୟ (୪୯) ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ନିକଟରୁ ବିପୁଳ ପରିମାଣର ବିଦେଶୀ ମଦ ଜବତ କରାଯାଇଛି। ତେବେ ସ୍କୁଟି ଚଳାଉଥିବା ଅନ୍ୟଜଣେ ଯୁବକ ଫେରାର ହୋଇଯାଇଛନ୍ତି।

## ଷ୍ଟିଲ ମେଲ୍ଟିଂ ସପ୍-୨ରେ ହଟ୍ ମେଟାଲ ଲ୍ୟାଡଲ ପ୍ରି-ହିଟର୍ ଉଦ୍‌ଘାଟିତ

**ରାଉରକେଲା,୧୪ ।୩(ସମିସ):** ରାଉରକେଲା ଇସ୍ପାତ କାରଖାନାର ଷ୍ଟିଲ ମେଲ୍ଟିଂ ସପ୍-୨ ବିଭାଗର ମିକ୍ସର-ବେ'ରେ ଏକ ହଟ୍ ମେଟାଲ ଲ୍ୟାଡଲ ପ୍ରି-ହିଟର୍ ସଫଳତାର ସହ କାର୍ଯ୍ୟକ୍ଷମ ହୋଇଛି। ଷ୍ଟିଲ ମେଟିଂ ସପ୍-୨ ବିଭାଗ ସିଜିଏମ୍ ଟିପି ଶିବଶଙ୍କର ଏହି ନୂତନ ଲ୍ୟାଡଲ ପ୍ରି-ହିଟର୍ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବିଭାଗୀୟ ପ୍ରତିନିଧି ଜିଏମ୍ ଇନ୍-ଚାର୍ଜ ମେକାନିକାଲ ଏମଜି ଶ୍ରୀକାନ୍ତ, ଜିଏମ୍ ଚାର୍ଜ ଅପରେସନ ଏକେ ଦାସ, ଜିଏମ୍



ଚାର୍ଜ ଇଲେକ୍ଟ୍ରିକାଲ ପି. ପ୍ରଣୟଙ୍କ ସମେତ ବିଭାଗର ଅନ୍ୟ ଅଧିକାରୀ ତଥା ଡିଜାଇନ, ସିଭିଲ ଇଞ୍ଜିନିୟରିଂ ସର୍ଭିସେସ, ରିଫ୍ରାକ୍ଟୋରୀ ଇଞ୍ଜିନିୟରିଂ ସର୍ଭିସେସ ଆଦି ସହାୟକ ବିଭାଗଗୁଡ଼ିକର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏକେ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ, ଇସ୍ପାତ ପ୍ରସ୍ତୁତିର ପ୍ରକ୍ରିୟାକରଣ ନିମନ୍ତେ ମିକ୍ସରରୁ ଏଲ୍‌ଡି କନ୍‌ଭର୍ଟରକୁ ହଟ୍ ମେଟାଲ ସ୍ଥାନାନ୍ତର ପାଇଁ ହଟ୍ ମେଟାଲ ଲ୍ୟାଡଲ ବ୍ୟବହୃତ ହୋଇଥାଏ। ଲ୍ୟାଡଲ ଲାଇଫ୍ ଆହୁରି ଉନ୍ନତ ହେବା ପାଇଁ ରିଫ୍ରାକ୍ଟୋରୀ ଇଞ୍ଜିନିୟରିଂ ସର୍ଭିସେସ ପକ୍ଷରୁ ଏଏସସି ଯଥା ଆଲୁମିନା, ସିଲିକନ କାର୍ବାଇଡ କାର୍ବନ ଇଟା ବ୍ୟବହାର କରିବାକୁ ଯୋଜନା କରିଛି। ଲ୍ୟାଡଲ୍‌ର ପ୍ରି-ହିଟିଂ ହେଉଛି ଏକ ବୈଷୟିକ ଆବଶ୍ୟକତା ବୋଲି କୁହାଯାଇଛି।

### ବିଭିନ୍ନ ଶ୍ରମିକ ୟୁନିଅନ ନେତାଙ୍କ ସହ ଆରଏସପି ଡିଆଇସିଙ୍କ ମତବିନିମୟ

# 'ଲାଭାର୍ଜନତାରେ ଉନ୍ନତି ନିମିତ୍ତ ସମର୍ପିତ ପ୍ରୟାସ ଜରୁରୀ'






**ରାଉରକେଲା,୧୪ ।୩(ସମିସ)**

ରାଉରକେଲା ଇସ୍ପାତ କାରଖାନାର ଲାଭାର୍ଜନତାରେ ଉନ୍ନତି ଆଣିବା ନିମିତ୍ତ ସମର୍ପିତ ପ୍ରୟାସ ଜରୁରୀ ବୋଲି ଆରଏସପିର କାର୍ମିକ ଓ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକଙ୍କ ସମ୍ମେଳନ କକ୍ଷରେ ଗୁରୁବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ଶ୍ରମିକ ୟୁନିଅନର ନେତାଙ୍କ ସହ ମତବିନିମୟ ଅବସରରେ ଆରଏସପି ଡିଆଇସି ଅତନୁ ଭୌମିକ କହିଛନ୍ତି। ଆର୍‌ଏସ୍‌ପିର ଲକ୍ଷ୍ୟ ହାସଲ ପାଇଁ ସମସ୍ତେ ସେମାନଙ୍କ ସମସ୍ତ ସମ୍ଭାବ୍ୟ ସମର୍ଥନ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

କାରଖାନାର ସାମଗ୍ରିକ ପ୍ରଦର୍ଶନର ପ୍ରଶଂସା କରି ଭୌମିକ କହିଥିଲେ ଯେ ସମସ୍ତଙ୍କ ସମନ୍ୱିତ ପ୍ରୟାସକୁ ପାଥେୟ କରି ଆରଏସପି ଏହାର ସର୍ବୋତ୍ତମ ପ୍ରଦର୍ଶନ ରେକର୍ଡ କରିଛି। କିନ୍ତୁ ଇନପୁଟ୍ ମୂଲ୍ୟରେ ବୃଦ୍ଧି, ବଜାରରେ ଅଧିକ ଇସ୍ପାତର ଉପଲବ୍ଧତା ଏବଂ ମୂଲ୍ୟ ହ୍ରାସ ଭଳି ଆମର ନିୟନ୍ତ୍ରଣ ବାହାରେ ଥିବା କାରକଗୁଡ଼ିକର ପ୍ରଭାବକୁ ପ୍ରତିହତ କରିବାକୁ ହେଲେ ବ୍ୟୟନିପୁଣ ଉତ୍ପାଦନ ବୃଦ୍ଧି ଉପରେ ବିଶେଷ ଧ୍ୟାନଦେଇ କାର୍ଯ୍ୟନିପୁଣତାରେ ଆହୁରି ଉନ୍ନତି ଆଣିବା ନିମନ୍ତେ ପ୍ରଚେଷ୍ଟାକୁ ତ୍ୱରାନ୍ୱିତ କରିବାକୁ ହେବ। ବ୍ରେକଡାଉନ ଏଡ଼ାଇବା ଏବଂ ଯନ୍ତ୍ରୋପକରଣର ଡାଉନ ସମୟ ହ୍ରାସ କରିବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ଏହାଦ୍ୱାରା କାରଖାନାର ପ୍ରଦର୍ଶନ ଉନ୍ନତରୁ ଉନ୍ନତତର ତଥା ପରେ ସର୍ବୋତ୍କୃଷ୍ଟ ହୋଇପାରିବ। ସମସ୍ୟାକୁ ହ୍ରାସ କରିବା ଏବଂ କାରଖାନାର ଲାଭାର୍ଜନତାରେ ଆହୁରି ଉନ୍ନତି ଆଣିବାରେ ସମର୍ପିତ ପ୍ରୟାସ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ।

ବୈଠକରେ କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗ ଇଡି ତରୁଣ ମିଶ୍ର, ବିତ୍ତ ଓ ଲେଖା ବିଭାଗ ସିଜିଏମ ଏସକେ ନାୟକ, ପର୍ସନାଲ ଏବଂ ଟାଉନ୍ ସେବା ବିଭାଗ ଜିଏମ ଇନ୍-ଚାର୍ଜ ପିକେ ଦାସ, କାର୍ମିକ ଓ ପ୍ରଶାସନ ବିଭାଗ ଜିଏମ ଇନ୍-ଚାର୍ଜ ଧୀରେନ୍ଦ୍ର ମିଶ୍ର, ପର୍ସନାଲ ଏଚଆର ବିଭାଗ ଜିଏମ ଇନ୍-ଚାର୍ଜ ଡ. ପିକେ ସାହୁ, ବିତ୍ତ ଓ ଲେଖା ବିଭାଗ ଜିଏମ୍ ପି ବିଜୟନ୍ ଏବଂ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଆରଆଇକେକେଏସର ସଭାପତି ପ୍ରଦୋଷ ପଣ୍ଡା ଓ ସାଧାରଣ ସମ୍ପାଦକ ହିମାଂଶୁ ବଳ, ଆରଏମଏସର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ନାୟକ ଓ ଉପ ସାଧାରଣ ସମ୍ପାଦକ ଖଗେଶ୍ୱର ବେହେରା, ଏସଇଟିୟୁର ସଂଗ୍ରାମ ସାମଲ ଏବଂ ୱାଇ ସାହୁ, ଆରଏସଏମୟୁର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସେଠୀ, ଆରଡବ୍ଲ୍ୟୁୟୁର ସତ୍ୟପ୍ରିୟ ମହାନ୍ତି, ଆମ ମଜଦୁର ସଂଗଠନର ସାଧାରଣ ସମ୍ପାଦକ ବିକେ ତିୱାରୀ, ଲୌହ ମଜଦୁର ୟୁନିୟନର ସାଧାରଣ ସମ୍ପାଦକ ଆରସି ମଲ୍ଲିକ, ଆଇଏଲୟୁର ସନ୍ତୋଷ ନାୟକ, ସିୟରର ଏଚ୍‌କେ ବେହୁରା, କେଆଇଏସଏସର ସାଧାରଣ ସମ୍ପାଦକ ସିଆର ଜେନା, ଆରଆଇଏମଏସର ବିକାଶ ହାଲଦାର ଯୋଗଦେଇଥିଲେ।

ଇଡି ତରୁଣ ମିଶ୍ର ତାଙ୍କ ସମ୍ବୋଧନରେ ବିଭାଗର କାର୍ଯ୍ୟଦକ୍ଷତା ବୃଦ୍ଧିଠାରୁ ଆରମ୍ଭ କରି ଆଉଟସୋର୍ସ କର୍ମଚାରୀଙ୍କ ଦକ୍ଷତାରେ ଉନ୍ନତି ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏସକେ ନାୟକ ଆରଏସପିର ଲାଭ ବୃଦ୍ଧି ପାଇଁ ପ୍ରୋସେସ୍ ଅପ୍ଟିମାଇଜେସନ୍, ବ୍ୟୟ ନିୟନ୍ତ୍ରଣ ଏବଂ ରାଜସ୍ୱ ସୃଷ୍ଟି ଆଧାରିତ ରଣନୀତି ଉପରେ ଗୁରୁତ୍ୱାରୋପ କରିଥିଲେ। ପି ବିଜୟନ୍ ଗତ ଆର୍ଥିକ ବର୍ଷରେ କାରଖାନାର ଉତ୍ପାଦନ ପ୍ରଦର୍ଶନ ସହ ଚଳିତ ଆର୍ଥିକ ବର୍ଷର ଧାର୍ଯ୍ୟ ଲକ୍ଷ୍ୟ ଏବଂ ସଫଳତା ଉପରେ ଏକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ବିଭିନ୍ନ ଟ୍ରେଡ ୟୁନିଅନର ନେତା ତଥା ପ୍ରତିନିଧିମାନେ ଏଭଳି ମତବିନିମୟ ଅଧିବେଶନ ଆୟୋଜନ କରି ଏକ ସୁସଂଗତ ପରିବେଶ ସୃଷ୍ଟି କରିଥିବାରୁ ଡିଆଇସିଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହା ଆରଏସପିର ଏକ ଉନ୍ନତ ତଥା ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପଥ ପରିଷ୍କାର କରିବ ବୋଲି ସେମାନେ କହିଥିଲେ। ସମସ୍ତଙ୍କ ମିଳିତ ପ୍ରୟାସରେ ଆରଏସପି ପ୍ରତ୍ୟେକ ଆହ୍ୱାନକୁ ଦୂର କରିବ ବୋଲି ସେମାନେ ଆଶା ପ୍ରକଟ କରିଥିଲେ। ପିକେ ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲା ବେଳେ ଧୀରେନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଡ. ପିକେ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଅଧା ରହିଗଲା ଶାଗ ବେପାର

## କାର୍ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

**ରାଉରକେଲା,୧୪ ।୩(ସମିସ):** ଅଧାରେ ରହିଗଲା ଜଣେ ବୃଦ୍ଧା ଶାଗ ବିକାଳୀଙ୍କ ବେପାର। ଶାଗ ବିକ୍ରି କରିବାକୁ ଯାଉଥିବା ବେଳେ କାର ଧକ୍କାରେ ଚାଲିଯାଇଛି ତାଙ୍କ ଜୀବନ। ଉଦିତନଗର ଥାନା ଅନ୍ତର୍ଗତ ଆରଏମସି ଛକରେ ଗୁରୁବାର ସକାଳ ପ୍ରାୟ ସାଢ଼େ ୬ଟାରେ ଏଭଳି ଘଟଣା ଘଟିଛି। ପୁଲିସ ସୂଚନା ମୁତାବକ, ଶୀତଳପଡ଼ା ବସ୍ତିରେ ଶାନ୍ତିଲତା ପ୍ରଧାନ (୬୫) ପରିବାର ସହ ରୁହନ୍ତି। ପ୍ରତ୍ୟେକ ଦିନ ଭଳି ଆଜି ମଧ୍ୟ ଶାଗ ଭର୍ତ୍ତି ଟୋକେଇ ମୁଣ୍ଡରେ ଲଦି ଚାଲିଚାଲି ବାହାରି ପଡ଼ିଥିଲେ ବିକ୍ରି କରିବାକୁ। ଆର୍‌ଏମ୍‌ସି ଛକ ଦେଇ ସେ ଯାଉଥିବା ବେଳେ ଏକ କାର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତାରେ ଛିଟିକିପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ କାର ଜବତ କରି ଘଟଣାର ତଦନ୍ତ ଚଳାଇଛି।

## ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**କୋଇଡ଼ା/ଲହୁଣୀପଡ଼ା,୧୪ ।୩(ସମିସ):** ସୁନ୍ଦରଗଡ଼ ଜିଲ୍ଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ଚୋରଧରା ଗ୍ରାମ ନିକଟ କୁରାଡ଼ି ନାଳରୁ ଗୁରୁବାର ପୁଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ଲହୁଣୀପଡ଼ା ଥାନା ବରସୁଆଁ ବସ୍ତିର ଷ୍ଟିଫେନ ଟପ୍ପୋଙ୍କ ପୁଅ ଯତୀନ ଟପ୍ପୋ (୨୪)। ଗୁରୁବାର ପୂର୍ବାହ୍ନ ୧୦ ବେଳେ ଚୋରଧରା ଗାଁର କିଛି ଲୋକ ଜଙ୍ଗଲକୁ ଜାଳେଣି କାଠ ପାଇଁ ଯିବା ସମୟରେ କୁରାଡ଼ି ନାଳରେ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ୨୪ ଘଣ୍ଟା ପୂର୍ବରୁ ଯତୀନଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ବୁଧବାର ଯତୀନ ଜାମୁଡିହ ହାଟକୁ ଯାଇଥିଲେ। ଫେରିବା ବେଳେ କୌଣସି କାରଣରୁ ପାଣିରେ ପଡ଼ି ତାଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।






# ଛେଉଣ୍ଡ ୨ ନାବାଳକଙ୍କୁ ବାଲିଜୋରୀ ସେବାଶ୍ରମରେ ଥଇଥାନ ଯୋଜନା

**ସୁନ୍ଦରଗଡ଼, ୧୪ ।୩(ସମିସ):** ବାପାମାଆଙ୍କ ମୃତ୍ୟୁ ପରେ ଘୋର ଦୁର୍ଦ୍ଦଶାରେ କାଳାତିପାତ କରୁଥିବା ସୁନ୍ଦରଗଡ଼ ସଦର ବ୍ଲକ ଦେଉଳୀ ପଞ୍ଚାୟତ ମୁଗ୍ରିପଡ଼ାର ୨ ନବାଳକଙ୍କ ସମ୍ପର୍କିତ ଖବର ଗୁରୁବାର 'ସକାଳ'ରେ ପ୍ରକାଶ ପାଇବା ପରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଦୁଇ ନାବାଳକଙ୍କ ଥଇଥାନ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଛି। ନାବାଳାକ ଦ୍ୱୟଙ୍କୁ ଉଦ୍ଧାର କରି ଟାଙ୍ଗରପାଲି ବ୍ଲକ ବୋଲିଜୋରୀସ୍ଥିତ ଶିଶୁ ସେବାଶ୍ରମରେ ରଖିବାକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା ସେବାଶ୍ରମ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରେ ସେବାଶ୍ରମ ସୁପରିନଟେଣ୍ଡେଣ୍ଟ ଟିକେଶ୍ୱର ସାହୁ ଦେଉଳୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରି ତାଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଦେଉଳୀ ପ୍ରାଥମିକ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢୁଥିବା କରନ ମୁଣ୍ଡା (୧୨) ଓ ଗାଁ ପ୍ରାଥମିକ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀରେ ପଢୁଥିବା ତାଙ୍କ ସାନଭାଇ



କବିର ମୁଣ୍ଡା (୯)ଙ୍କ ସ୍କୁଲ ପରୀକ୍ଷା ଚାଲିଥିବାରୁ ପରୀକ୍ଷା ସରିବା ପରେ ତାଙ୍କୁ ଉକ୍ତ ସେବାଶ୍ରମରେ ରଖାଯାଇ ପାଠ ପଢ଼ାଇବାକୁ ଯୋଜନା କରାଯାଇଛି। ସୂଚନାଯୋଗ୍ୟ, ଉକ୍ତ ୨ ନାବାଳକଙ୍କ ବାପା ସୁରେଶ ମୁଣ୍ଡା ୪ ବର୍ଷ ତଳେ ରୋଗରେ ପୀଡ଼ିତ ହୋଇଥିଲେ। ତେବେ ଅର୍ଥାଭାବରୁ ଉପଯୁକ୍ତ ଚିକିତ୍ସା ନ ପାଇ ତାଙ୍କ ମୃତ୍ୟୁ ଘଟିଥିଲା। କିଛିମାସ ତଳେ ମା' ବାସନ୍ତୀ ମଧ୍ୟ ଜଣ୍ଡିସରେ ଆକ୍ରାନ୍ତ ହୋଇ ଉପଯୁକ୍ତ ଚିକିତ୍ସା ନ ପାଇବାରୁ ତାଙ୍କ ମୃତ୍ୟୁ ଘଟିଛି। ବାପା ମାଆଙ୍କ ମୃତ୍ୟୁ ପରେ କରନ ଓ କବିର ବେସାହାରା ହୋଇଯାଇଛନ୍ତି। ତାଙ୍କ ଅଜା ରାମ (୬୫) ଆଈ ରଉଡ଼ି (୬୩) ତାଙ୍କୁ ଆଶ୍ରୟ ଦେଇଥିଲେ ହେଁ ବୃଦ୍ଧାବସ୍ଥା ଏବଂ ଦାରିଦ୍ର୍ୟ ଯୋଗୁଁ ସେମାନେ ଠିକ ଭାବେ ଲାଳନପାଳନ କରିପାରୁ ନାହାନ୍ତି। ତାଙ୍କ ବାର୍ଦ୍ଧକ୍ୟ ଭତ୍ତାରେ ନିଜ ପେଟ ପୋଷିବା ସହ ଏହି ଦୁଇ ପିଲାଙ୍କ ପେଟ ଚଳୁଛି। ସମ୍ପୃକ୍ତ ୨ ନାବାଳକଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ ଗତି କରୁଛି। ଏ ସ୍ଥିତିରେ ଉକ୍ତ ନାବାଳକଙ୍କୁ ପ୍ରଶାସନ ପକ୍ଷରୁ ସେବାଶ୍ରମରେ ରଖାଯାଇ ପାଠ ପଢ଼ାଯିବା ବ୍ୟବସ୍ଥାକୁ ତାଙ୍କ ଅଜା ଆଈ ସ୍ୱାଗତ କରିଛନ୍ତି।

'ସକାଳ' ପ୍ରଭାବ

# ଯୁବକଙ୍କ ଗଳାକାଟି ହତ୍ୟା ଘଟଣା: ଅଭିଯୁକ୍ତ ଗିରଫ

**ସୁନ୍ଦରଗଡ଼, ୧୪ ।୩(ସମିସ)**

ମଙ୍ଗଳବାର ରାତିରେ ଧରୁଆଡିହି ଥାନା ଅନ୍ତର୍ଗତ ଲମିଟି ଗ୍ରାମରେ ଜଣେ ଯୁବକଙ୍କ ଗଳାକାଟି ହତ୍ୟା ମାମଲାରେ ପୁଲିସକୁ ସଫଳତା ମିଳିଛି। ସୁନ୍ଦରଗଡ଼ ଏସପି ପ୍ରତ୍ୟୁଷ ଦିବାକର ଏବଂ ସଦର ଏସଡିପିଓ ହିମାଂଶୁ ଭୂଷଣ ବେହେରାଙ୍କ ତତ୍ତ୍ୱାବଧାନରେ ଆଇଆଇସି ସଞ୍ଜୁକ୍ତା ସାହୁ ତନାଘନା ଚଳାଇ ମାମଲା ଉପରୁ ପରଦା ଉଠାଇଛନ୍ତି। ଅଭିଯୁକ୍ତ ସୁବୋଧ ଛତ୍ରିଆ (୨୪)ଙ୍କୁ ଗିରଫ କରାଯାଇ ଗୁରୁବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ଜାମିନ ନ ମିଳିବାରୁ ତାଙ୍କୁ ସୁନ୍ଦରଗଡ଼ ଜେଲ ପଠାଇ ଦିଆଯାଇଛି।

ବୁଧବାର ସକାଳେ ଗାଁ ସ୍କୁଲଠାରୁ ପ୍ରାୟ



ଶହେ ମିଟର ଦୂରରେ ଗ୍ରାମର ଜୟାନନ୍ଦ ଓରଫ ଦୟାନନ୍ଦ ସୁନାନୀ (୪୫ଙ୍କ ମୃତଦେହ ପଡ଼ିଥିଲା। ତାଙ୍କ ବେକକୁ କୌଣସି ଧାରୁଆ ଅସ୍ତ୍ରରେ କଟାଯାଇଥିବା ଦେଖିବାକୁ ମିଳିଥିଲା। ଅଭିଯୋଗ ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ରାତିରେ ପୁଲିସ ସୁବୋଧଙ୍କୁ ଧରି ପଚରାଉଚୁରା କରିବାରେ ସେ ଦୋଷ ସ୍ୱୀକାର କରିଥିଲେ। ତାଙ୍କ କହିବା ଅନୁଯାୟୀ, ସୁବୋଧ ଏବଂ ଜୟାନନ୍ଦଙ୍କ ମଧ୍ୟରେ ଘନିଷ୍ଠ ବନ୍ଧୁତା ଥିଲା। ଉଭୟ ସ୍ଥାନୀୟ ଜଙ୍ଗଲରୁ କାଠ ଚୋରିକରି ବିକ୍ରି କରୁଥିଲେ।

ଘଟଣା ଦିନ ଅପରାହ୍ନରେ ଜୟାନନ୍ଦଙ୍କ ବାପା ରବିକର ସୁନାନୀ ଆଣିଥିବା କୁକୁଡ଼ା ମାଂସକୁ ତାଙ୍କ ଘରେ ରୋଷେଇ କରି ଜୟାନନ୍ଦ, ସୁବୋଧ ମିଶି ଖାଇଥିଲେ। ରାତିରେ ଜୟାନନ୍ଦ ଓ ସୁବୋଧ ଜଙ୍ଗଲକୁ କାଠ ଚୋରି କରିବାକୁ ବାହାରିଥିଲେ। ରାତି ପ୍ରାୟ ସାଢ଼େ ୧୧ଟାରେ ସେମାନେ ବାଟରେ ଗ୍ରେଗରି ହାଂସଦା ନାମକ ଜଣେ ବୃଦ୍ଧଙ୍କୁ କାଠ ଆଣିବାକୁ ଯାଉଥିବା କହି ଏକ ମସିଣା ମାଗିଥିଲେ। ସେମାନେ ମସିଣା ଧରି ଜଙ୍ଗଲକୁ ବାହାରିବା ସମୟରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଜୟାନନ୍ଦ ସୁବୋଧଙ୍କ ମା' ଭଉଣୀଙ୍କ ପ୍ରତି ଅଶ୍ଳୀଳ ମନ୍ତବ୍ୟ ରଖିବାରୁ ଏଥିରେ ସୁବୋଧ ଉତକ୍ଷିପ୍ତ ହୋଇ ଧରିଥିବା ଟାଙ୍ଗିଆରେ ତାଙ୍କ ବେକକୁ ହାଣି ପକାଇଥିଲେ। ଏ ସମ୍ପର୍କରେ କାହାକୁ କିଛି ନ ଜଣାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୁଲିସ ଘଟଣାର ପର୍ଦ୍ଦାଫାଶ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଆଶ୍ୱସ୍ତି ପ୍ରକାଶ ପାଇଛି।

# କ୍ରୀଡ଼ା ଛାତ୍ରାବାସରେ ରୂପଶ୍ରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା

**ବାଲିଶଙ୍କରା, ୧୪ ।୩(ସମିସ):** ସାଫ ଚାମ୍ପିଅନସିପ ଭଳି ସମ୍ମାନଜନକ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ନିଜ ଚମକ ଦେଖାଇଛନ୍ତି କେନ୍ଦୁଝର ଜିଲ୍ଲା ଯୋଡ଼ା ତହସିଲ ଭୂୟାଁ ରୋଇଡ଼ା କ୍ୟାମ୍ପ ହଟିଂ ଗାଁର ରୂପଶ୍ରୀ ମୁଣ୍ଡା। ୧୪ ବର୍ଷୀୟା ରୂପଶ୍ରୀ ଖୁବ୍ କମ ବୟସରେ ସାଫ ଚାମ୍ପିଅନସିପରେ ରନର୍ସଅପ ଟ୍ରଫି ହାସଲ କରିପାରିଛନ୍ତି। ଏହି ପ୍ରତିଯୋଗିତା ପାଇଁ ନେପାଳ ଯାଇଥିବା ୨୩ ଜଣ ଭାରତୀୟ ଦଳ ମଧ୍ୟରୁ ରୂପଶ୍ରୀ ହେଉଛନ୍ତି ଅନ୍ୟତମ। ତୀବ୍ର ପ୍ରତିଦ୍ୱନ୍ଦିତାପୂର୍ଣ୍ଣ ଫାଇନାଲରେ ଭାରତ ପେନାଲଟି ସୁଟଆଉଟରେ ବାଂଲାଦେଶଠାରୁ ଗୋଟିଏ ଗୋଲରେ ହାରି ରନର୍ସଅପ୍ ହୋଇଛି। ଫାଇନାଲ ଓ ଲିଗ ପର୍ଯ୍ୟାୟରେ ଜବରଦସ୍ତ ପ୍ରଦର୍ଶନ କରିଥିବା ରୂପଶ୍ରୀଙ୍କୁ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ବିବି ଥୋମାସ ପ୍ରଶଂସା କରିଛନ୍ତି। ତାଙ୍କୁ ୟଙ୍ଗ ଟାଇଗ୍ରେସ (ଯୁବ ବାଘୁଣୀ)ର ଆଖ୍ୟା ଦେଇଛନ୍ତି।



ଗାଁ ଦାଣ୍ଡରେ ସାଙ୍ଗସାଥୀଙ୍କ ସହ କାଗଜ ପେଣ୍ଡୁରେ ଖେଳି ରୂପଶ୍ରୀ ଫୁଟବଲ ପ୍ରତି ଆକର୍ଷିତ ହୋଇଥିଲେ। ବାପା ଦୀପକ ମୁଣ୍ଡା ଓ ମା' ପ୍ରମିଳା ମୁଣ୍ଡା ଝିଅକୁ କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଇଥିଲେ। ରାଜ୍ୟ ସରକାରଙ୍କ ତରଫରୁ ସେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେଥିରେ ସଫଳ ହୋଇ ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସରେ ୨୦୨୨ ଏପ୍ରିଲ ମାସରେ ଯୋଗଦେଇଥିଲେ। ସେଠାରେ ପ୍ରଶିକ୍ଷକ ହୃଦୟ ରଞ୍ଜନ ସିଂ (ଟୁନା)ଙ୍କ ମାର୍ଗଦର୍ଶନରେ ନିଜ ପ୍ରତିଭାକୁ ଆହୁରି ଶାଣିତ କରି କିଛି ମାସ ମଧ୍ୟରେ ରାଜ୍ୟ କନିଷ୍ଠ ଦଳରେ ସ୍ଥାନ ପାଇଥିଲେ। ଭାରତୀୟ କନିଷ୍ଠ ପ୍ରତିଯୋଗିତା (ଟାୟାର-୧)ରେ ଓଡ଼ିଶାକୁ ସେମିଫାଇନାଲକୁ ନେବାରେ ସେ ନିର୍ଣ୍ଣାୟକ ଭୂମିକା ତୁଲାଇଥିଲେ। ଏହି ପ୍ରତିଯୋଗିତାର ପୂର୍ଣ୍ଣ ଆଧାରରେ ସାଫ ଚାମ୍ପିଅନସିପ ଲାଗି ସମ୍ଭାବ୍ୟ ୧୬ ବର୍ଷରୁ କମ ଭାରତୀୟ ଦଳରେ ସ୍ଥାନ ପାଇ ଗୋଆରେ ଆୟୋଜିତ ପ୍ରଶିକ୍ଷଣ ଓ ଚୟନ ଶିବିରରେ ଯୋଗଦେଇଥିଲେ। ସେଠାରେ ଚମତ୍କାର ପ୍ରଦର୍ଶନ କରି ଚୂଡ଼ାନ୍ତ ଦଳରେ ସ୍ଥାନ ପକ୍କା କରିଥିଲେ। ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସ ସହ ଓଡ଼ିଶାକୁ ଗର୍ବିତ କରିଛନ୍ତି ରୂପଶ୍ରୀ। ଖେଳ ସହ ପାଠପଢ଼ା ମଧ୍ୟ ଜାରି ରଖିଛନ୍ତି। ସୁନ୍ଦରଗଡ଼ ଟାଉନ ହାଇସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢୁଛନ୍ତି ରୂପଶ୍ରୀ। ତାଙ୍କ ପାଖରେ ଭାରତୀୟ ବରିଷ୍ଠ ଦଳରେ ସ୍ଥାନ ପକ୍କା କରିବାର ସାମର୍ଥ୍ୟ ଅଛି। ମୁଁ ନିଜେ ଜଣେ ଜାତୀୟସ୍ତରୀୟ ଖେଳାଳି ହୋଇଥିବାରୁ ଭାରତୀୟ ବରିଷ୍ଠ ଦଳରେ ସ୍ଥାନ ପାଇବାକୁ ଲକ୍ଷ୍ୟ ରଖି ପ୍ରଶିକ୍ଷଣ ଦେଉଛି। ନିରନ୍ତର ପ୍ରୟାସ କରୁଛି ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପଟେ ତାଙ୍କୁ ଆର୍ଥିକ ଓ ମାନସିକ ସ୍ତରରେ ସହଯୋଗ ମିଳିବା ଦରକାର। ଏହା ହେଲେ ସେ ନିଶ୍ଚିତ ଭାବେ ଦେଶ ଓ ରାଜ୍ୟର ନାଁ ରଖିବେ ବୋଲି କହିଛନ୍ତି ପ୍ରଶିକ୍ଷକ ହୃଦୟ ରଞ୍ଜନ ସିଂ। ନେପାଳରୁ ସେ ଓଡ଼ିଶା ଫେରିଥିବାବେଳେ ଭବାନୀପୁର କ୍ରୀଡ଼ା ଛାତ୍ରାବାସଠାରେ ସନ୍ଧ୍ୟା ୭ଟାରେ ରୂପଶ୍ରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନ ଜ୍ଞାପନ କରାଯାଇଥିଲା। ପ୍ରଶିକ୍ଷକ ସିଂ, ହକି କୋଚ୍ ବିଜୟ ଲାକଡ଼ା, ତେଜ କୁମାର ଖେସ, ନାରାୟଣ ବାନରା, କ୍ରୀଡ଼ା ଛାତ୍ରାବାସ ମ୍ୟାନେଜର ସୁଶିଳ ରଞ୍ଜନ ବେକ, ଆଥଲେଟିକ୍ସ ପ୍ରଶିକ୍ଷକ ସୁସ୍ମିତା ଦତ୍ତ ପ୍ରମୁଖ ଯୋଗଦେଇ ରୂପଶ୍ରୀଙ୍କ ଉଲ୍ଲେଖନୀୟ ଖେଳ ପ୍ରତିଭା ଉପରେ ଗୁରୁତ୍ୱାରୋପ କରିଥିଲେ।

# ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ

**କୁତ୍ରା, ୧୪ ।୩(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ କଟଙ୍ଗ ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ କୁତ୍ରା ବିଇଓ ଶରତ କୁମାର ପତି, ସମ୍ମାନିତ ଅତିଥି ଭାବରେ ଏବିଇଓ ଲକ୍ଷ୍ମଣ ଜାମୁଦା, ନିରଞ୍ଜନ ରାଉଳ, ମୀନା କୁମାରୀ ଜେନା, କଟଙ୍ଗ ସରପଞ୍ଚ ପୁଷ୍ପା କେର୍କେଟା ଓ ଏସଏମସି ସଭାପତି ଲିଲିମା କିସପଟ୍ଟା ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ଲୋକନାଥ ବେହେରା ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଟେକଚାନ୍ଦ ସିଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟ ସ୍ତରରେ ସମ୍ମାନିତ ଶିକ୍ଷକ/ଶିକ୍ଷୟିତ୍ରୀ ଅମରେଶ ସାହୁ, ବରୁଣ ପାଣିଗ୍ରାହୀ, ମଧୁସ୍ମିତା ଶତପଥୀ, ଜିଲ୍ଲା ସ୍ତରରେ ସମ୍ମାନିତ ଶିକ୍ଷକ ଯତୀନ୍ଦ୍ର ବେହେରା, ଜିଲ୍ଲାସ୍ତରୀୟ ପୁରସ୍କାରପ୍ରାପ୍ତ ସରକାରୀ



ପ୍ରାଥମିକ ବିଦ୍ୟାଳୟ ମଝାପଡ଼ା, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଞ୍ଚରା, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାନଗୁଡିଆଲୀ, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଲତାଲଗା, ତରକେରା ଉଚ୍ଚ ବିଦ୍ୟାଳୟ, ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟ, ବ୍ଲକସ୍ତରୀୟ ଏସଏମସି ଆୱାର୍ଡ ପାଇଥିବା ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟ, ବ୍ଲକସ୍ତରୀୟ ଆଲୁମନି ଆୱାର୍ଡ ପାଇଥିବା ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟ, ସରପଞ୍ଚ ଆୱାର୍ଡ ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟ, ରାଜ୍ୟସ୍ତରୀୟ ବିଦ୍ୟାଳୟ ପୁରସ୍କାର କୁତ୍ରା ସରକାରୀ ଉତ୍କୃଷ୍ଟ ବିଦ୍ୟାଳୟ, ପରିଚାଳନା କମିଟି ନଳିନୀକାନ୍ତ ଶଶିନୀ ଓ ଶ୍ରେଷ୍ଠ ପ୍ରଧାନଶିକ୍ଷକ ଆୱାର୍ଡ ଲୋକନାଥ ବେହେରା ତରକେରା ଉଚ୍ଚ ବିଦ୍ୟାଳୟକୁ ସମ୍ମାନିତ କରାଯାଇଥିଲା। ରାଧାନାଥ ମିଶ୍ର ସଭା ପରିଚାଳନା କରିଥିବା ବେଳେ ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟୁତ ତାର ଚୋରି ଅଭିଯୋଗ

**ସୁନ୍ଦରଗଡ଼, ୧୪ ।୩(ସମିସ):** ବୁଧବାର ରାତି ଭଷ୍ମା ଥାନା ଅନ୍ତର୍ଗତ କୁର୍ଲା ନିକଟରୁ ୪୦୦ କେଭି ବିଦ୍ୟୁତ ଲାଇନ ରିନୋଭେସନ ପାଇଁ ରଖାଯାଇଥିବା ନୂଆ ଓ ପୁରୁଣା ତାର ଚୋରି ହୋଇଛି। ଚୋରମାନେ ୧୦୦୦ ମିଟର ପୁରୁଣା ଓ ୮୦୦ ମିଟର ନୂଆ ତାର ଚୋରାଇ ନେଇଛନ୍ତି। ପିଜିସିଆଇଏଲର ସୁପରଭାଇଜର ମକବୁଲ ଅନସାରୀ ଗୁରୁବାର ଏ ନେଇ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ପେଟ୍ରୋଲ ଢାଳି ଯୁବକଙ୍କ ଆତ୍ମାହୁତି

**ରାଉରକେଲା, ୧୪ ।୩(ସମିସ):** ମାଆ ଟଙ୍କା ନ ଦେବାରୁ ନିଜ ଦେହରେ ପେଟ୍ରୋଲ ଢାଳି ଜଣେ ଯୁବକ ଆତ୍ମାହୁତି ଦେଇଛନ୍ତି। ଏହି ଘଟଣା ଟାଙ୍ଗରପାଲ୍ଲୀ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ମୃତ ଯୁବକ ହେଲେ ହରେନ୍ଦ୍ର ସିଂହ (୨୪)। ସୂଚନା ମୁତାବକ ଟାଙ୍ଗରପାଲ୍ଲୀ ଥାନା ବ୍ରିଟାନିଆ କଲୋନୀରେ ରହୁଥିବା ହରେନ୍ଦ୍ର ଗତ ୯ ତାରିଖ ନିଶାସକ୍ତ ଅବସ୍ଥାରେ ଆସି ନିଜ ମାଆଙ୍କୁ ଟଙ୍କା ମାଗିଥିଲେ। ତେବେ ଟଙ୍କା ଦେବାକୁ ମାଆ ମନା କରିବାରୁ ଉତ୍ତ୍ୟକ୍ତ ହୋଇ ହରେନ୍ଦ୍ର ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ତାଙ୍କୁ ତୁରନ୍ତ ଏକ ଘରୋଇ ହସ୍ପିଟାଲ ନିଆଯାଇଥିଲା। ଗୁରୁବାର ରାତି ସାଢ଼େ ୯ଟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି। ଏ ନେଇ ଟାଙ୍ଗରପାଲ୍ଲୀ ଥାନା ଅଧିକାରୀ ରାମେଶ୍ୱର ସିଂହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି।

## ନାବାଳିକା ଛାତ୍ରୀ ନିଖୋଜ

ରାଉରକେଲା, ୧୪ ।୩(ସମିସ): ଟାଙ୍ଗରପାଲ୍ଲୀ ଥାନା ଅନ୍ତର୍ଗତ ହାଟିଙ୍ଗଟୋଲା ଅଞ୍ଚଳରୁ ଜଣେ ନାବାଳିକା ଛାତ୍ରୀ ନିଖୋଜ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପାରିବାରିକ ଅଶାନ୍ତି କାରଣରୁ ନାବାଳିକା କୁଆଡ଼େ ଚାଲିଯାଇଥିବା କୁହାଯାଉଛି।

## କାଉନ୍ସିଲରଙ୍କୁ ଦରମା ଓ ବୀମା ସୁବିଧା ଦାବି

● ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର



**ସୁନ୍ଦରଗଡ଼, ୧୪ ।୩(ସମିସ):** ସୁନ୍ଦରଗଡ଼ ପୌର ପରିଷଦର କାଉସିଲରମାନେ ଦରମା ଓ ବୀମା ସୁବିଧା ଦାବିରେ ଗୁରୁବାର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ପୌର ପରିଷଦର କାଉନସିଲମାନଙ୍କୁ ମାସିକ ସର୍ବନିମ୍ନ ୧୫ ହଜାର ଟଙ୍କା ଦରମା ପ୍ରଦାନ କରିବାକୁ ଦାବି କରାଯାଇଛି। ସେହିପରି ପ୍ରତ୍ୟେକ କାଉନସିରଙ୍କ ପାଇଁ ୫ ଲକ୍ଷ ଟଙ୍କା ବୀମା ଏବଂ ପରିବାରର ସମସ୍ତ ସଦସ୍ୟଙ୍କ ପାଇଁ ୧୦ ଲକ୍ଷ ଟଙ୍କା ସ୍ୱାସ୍ଥ୍ୟବୀମା ଦାବି ରହିଛି। ପୂର୍ବତନ ନଗରପାଳ ତଥା କାଉନସିଲର ବେଣୁଧର ତାଣ୍ଡିଆ, ସୁମନ୍ତ ସାହୁ, ଅନିଲ କୁମାର ମହାପାତ୍ର, ହେମନ୍ତ ପାଢ଼ୀ, ଏମଡି ଆଝାର ହୁସେନ, ଶ୍ୱେତା ସେଫାଲି ମୁଣ୍ଡୁ, ଚିରସ୍ମିତା ଯୋଶୀ, ଭାରତୀ ପଟେଲ, ଦୀପାଞ୍ଜଳି ନନ୍ଦ, ଦୁଶିଳା ଡନସନା, କୈଳାସ ତନ୍ତୀ, ସୁଶିଳା ନାଗ, ରମେଶ ସରେଙ୍ଗ, ପୌଷାଲି ବାରିକ, ମମତା ଖାଲକୋ ପ୍ରମୁଖ କାଉନସିଲର ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ଖଡ଼ିଆ ସମାଜର ଦାବି ପୂରଣ କଲେ ସଚିବ

**ସୁନ୍ଦରଗଡ଼, ୧୪ ।୩(ସମିସ):** ସୁନ୍ଦରଗଡ଼ ଜିଲ୍ଲା ଖଡ଼ିଆ ସମାଜର ଦାବିକୁ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ତଥା ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ କମିଶନର ତଥା ସଚିବ ରୁପାରୋଶନ ସାହୁ ପୂରଣ କରିଛନ୍ତି। ତାଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ସୁନ୍ଦରଗଡ଼ ଆଇଟିଡିଏ କାର୍ଯ୍ୟାଳୟ ପରିସରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ତରଫରୁ ନୂଆଡିହି, ଭେଡ଼ାବାହାଲ, ମନୋହରପୁର, କହପାନି, କରମଡିହି, ତସଲାଡିହି, ଡୁମୁଲିଆ, ଧମକପୁର, ବରପାଲି, ମହାଦେବପଡ଼ା ଆଦି ୧୦ ଗ୍ରାମର ଖଡ଼ିଆ ସମାଜଙ୍କୁ ପାରମ୍ପରିକ ବାଦ୍ୟଯନ୍ତ୍ର ଓ



ପୋଷାକ ବଣ୍ଟନ କରାଯାଇଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡ. ବିନୟ କୁମାର ଟପ୍ପୋ ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଧୀରେନ୍ଦ୍ର ସେଠୀ ଏହାକୁ ବଣ୍ଟନ କରିଥିଲେ। ସୂଚନାଯୋଗ୍ୟ, ଗତ ମାସ ୧୯ ତାରିଖ ଏହି ୧୦ ଗ୍ରାମର ଖଡ଼ିଆ ସମାଜ ଲୋକେ ସଚିବଙ୍କୁ ଭେଟି ବାଦ୍ୟଯନ୍ତ୍ର ଓ ପୋଷାକ ପ୍ରଦାନ କରିବାକୁ ନିବେଦନ କରିଥିଲେ। ସେହିପରି କରମଡିହିଠାରେ ଜିଲ୍ଲାସ୍ତରୀୟ ଖଡ଼ିଆ ସମାଜ ଗୃହ ନିର୍ମାଣ, ପାନୀୟ ଜଳ ଓ ବିଦ୍ୟୁତ ଯୋଗାଇଦେବା ପାଇଁ ମଧ୍ୟ ସଚିବଙ୍କୁ ନିବେଦନ କରାଯାଇଥିଲା। ଏହି କାର୍ଯ୍ୟ ମଧ୍ୟ ଆଇଟିଡିଏ ଜରିଆରେ ଚାଲୁ ରହିଛି। ସଚିବ ଖଡ଼ିଆ ସମାଜର ଦାବି ପୂରଣ କରିଥିବାରୁ ସମାଜ ପକ୍ଷରୁ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ସଂକୀର୍ତ୍ତନ ମାଧ୍ୟମରେ ସଚେତନତା

**ହେମଗିରି, ୧୪ ।୩(ସମିସ):** ହେମଗିରି ବ୍ଲକ ଅନ୍ତର୍ଗତ ସୁମୁର ଓ ମୁଢ଼ରଖେତ ପଞ୍ଚାୟତରେ ୫ ଦିନ ଧରି ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଛି। ଲଟାପାଣି ରାଧାମାଧବ ସଂକୀର୍ତ୍ତନ ମଣ୍ଡଳୀ ଉଭୟ ପଞ୍ଚାୟତର ସମସ୍ତ ଗ୍ରାମକୁ ଯାଇ ସଂକୀର୍ତ୍ତନ ମାଧ୍ୟମରେ ସରକାରଙ୍କ ଯୋଜନାଗୁଡ଼ିକର ପ୍ରଚାରପ୍ରସାର କରିଥିଲେ। ସଂକୀର୍ତ୍ତନ ଗାୟକ ଶ୍ରୀ ମହାକୁଡ଼ ଓ ବାୟକ ତୋଷରାମ ସାଙ୍କ ସମେତ ସହକର୍ମୀ ସମୂହ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଅଖିଳ ଭାରତୀୟ ଅଘରିଆ ସମାଜ ସମ୍ମିଳନୀର ଶୁଭାଧିବାସ



**ସୁନ୍ଦରଗଡ଼, ୧୪ ।୩(ସମିସ):** ଅଖିଳ ଭାରତୀୟ ଅଘରିଆ ସମାଜର ତୃତୀୟ ବାର୍ଷିକ ସମ୍ମିଳନୀ ପାଇଁ ଗୁରୁବାର ଶୁଭାଧିବାସ ହୋଇଛି। ସମାଜର ଗାଙ୍ଗପୁର ଅଞ୍ଚଳ କୁର୍ଗା ମଣ୍ଡଳ ଅନ୍ତର୍ଗତ ଗମ୍ଭାରିଡିହି ଗ୍ରାମରେ ଏହି ବାର୍ଷିକ ସମ୍ମିଳନୀର ପ୍ରଥମ ଦିବସରେ ଗୁରୁବାର ସକାଳେ ସମାଜର ବରିଷ୍ଠ କର୍ମକର୍ତ୍ତାମାନେ ଅଘରିଆ ଧାମ ଲଇଡ଼ା ଗ୍ରାମରୁ ମୃତ୍ତିକା କଳସ ଆଣିବା ପାଇଁ ଯାତ୍ରା କରିଥିଲେ।

ଆଞ୍ଚଳିକ କମିଟି ସଭାପତି ପ୍ୟାରୀମୋହନ ପଟେଲ, ସମ୍ପାଦକ ଦେବେନ୍ଦ୍ର ପଟେଲ, କେନ୍ଦ୍ର ସମ୍ପାଦକ ସୁରେଶ କୁମାର ପଟେଲ, କେନ୍ଦ୍ର ଉପଦେଷ୍ଟା ଦିଲୀପ କୁମାର ପଟେଲ, କେନ୍ଦ୍ର ଉପସଭାପତି ଯଶୋବନ୍ତ ନାଏକ, ସଦର ମଣ୍ଡଳ ସଭାପତି ପ୍ରଦୀପ କୁମାର ନାଏକ, ଦେଉଳୀ ଗୁଡ଼ି ସଭାପତି ବେଣୁଧର ଚୌଧୁରୀ, ଗମ୍ଭାରିଡିହି ଗୁଡ଼ି ସଭାପତି ଜଗନ୍ନାଥ ପଟେଲ, ଭଷ୍ମା ଗ୍ରାମର ବିଜୟ ଚୌଧୁରୀ ପ୍ରମୁଖ ଉକ୍ତ ଭବ୍ୟ ସମାରୋହରେ ସାମିଲ ହୋଇଥିଲେ। ସେଠାରେ ନୀତିକାନ୍ତି ପରେ ମାଟି କଳସ ଆଣି ପ୍ରତ୍ୟାବର୍ତ୍ତନ କରିବା ସମୟରେ ସଦର ମଣ୍ଡଳ ଅନ୍ତର୍ଗତ ଭଷ୍ମା ଗ୍ରାମରେ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଭଷ୍ମା ଗ୍ରାମରେ ସଦର ମଣ୍ଡଳ ସମ୍ପାଦକ ଭିକାରୀ ଚରଣ ଚୌଧୁରୀ, ଭଷ୍ମା ଗୌନ୍ତିଆ ମଳୟ ଚୌଧୁରୀ, ଭେଡ଼ାବାହାଲ ଗୁଡ଼ି ସଭାପତି ଦିବ୍ୟଶଙ୍କର ପଟେଲ, ସମ୍ପାଦକ ପଦ୍ମନ ନାଏକ, ବିଲାଇଗଡ଼ ଗୁଡ଼ି ସଭାପତି ନିମାଇଁ ପଟେଲ, ରାଏଡିହି ଗୁଡ଼ି ସଭାପତି ଶରଦ ପଟେଲଙ୍କ ସମେତ ସମାଜର ଶତାଧିକ ପୁରୁଷ ମହିଳା ଉପସ୍ଥିତ ଥିଲେ। ଏହି ତୃତୀୟ ଗାଙ୍ଗପୁର ବାର୍ଷିକ ସମ୍ମିଳନୀ ଆସନ୍ତା ରବିବାର ଉଦଯାପିତ ହେବ। ଏଥିରେ ସମାଜର ସାମଗ୍ରିକ ବିକାଶ ତଥା ଉନ୍ନତି ସାଧନ ପାଇଁ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ମାନସମ୍ମାନ କରାଯିବା କାର୍ଯ୍ୟକ୍ରମ ରହିଛି।

## ଏସଏସଡି ହଷ୍ଟେଲରେ ରାଗି ଲଡୁ ବଣ୍ଟନ ଶୁଭାରମ୍ଭ

# ଦୈନିକ ଗୋଟିଏ ଲେଖାଏଁ ଲଡୁ ଖାଇବେ ୪୬, ୬୬୬ ପିଲା

**ସୁନ୍ଦରଗଡ଼, ୧୪ ।୩(ସମିସ)**

ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି। ଏଥର ଜିଲ୍ଲାର ତଫସିଲଭୁକ୍ତ ଜାତି ଏବଂ ଜନଜାତି ବିକାଶ ବିଭାଗ ଅଧୀନ ୪୧୨ ହଷ୍ଟେଲରେ ରହୁଥିବା ୪୬, ୬୬୬ ପିଲାଙ୍କୁ ଦୈନିକ ଗୋଟିଏ କରି ରାଗି ଲଡୁ ସପ୍ତାହକ ସାତ ଦିନ ଖାଇବାକୁ ଦିଆଯିବ। ଏହା କୁପୋଷଣ ରୋକିବାରେ ସହାୟକ ହେବ। ଗୁରୁବାର ରାଗି ଲଡୁ ବଣ୍ଟନର ଶୁଭରମ୍ଭ ହୋଇଛି। ଏହି ଅବସରରେ ଜିଲ୍ଲା ସଂସ୍କୃତି ଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଜିଲ୍ଲାପାଳ ଡା. ପରାଗ ଗାଭାଲି ଯୋଗଦେଇ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଦ୍ୱାରା ଏହି ଅଭିନବ ପଦକ୍ଷେପ ନିଆଯାଇଛି ଯାହା ଓଡ଼ିଶା ମିଲେଟ୍ ମିଶନ ଦ୍ୱାରା କାର୍ଯ୍ୟାନ୍ୱୟନ ହେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ପିଲାମାନଙ୍କ ମଧ୍ୟରେ




ଅପପୁଷ୍ଟି ହ୍ରାସ ପାଇବ ବୋଲି ଆଶାବ୍ୟକ୍ତ କରିବା ସହ ଏହା ପରବର୍ତ୍ତୀ ସମୟରେ ମଧ୍ୟାହ୍ନ ଭୋଜନ ଏବଂ ଭିନ୍ନକ୍ଷମମାନେ ପଢୁଥିବା ବିଦ୍ୟାଳୟରେ କାର୍ଯ୍ୟକାରୀ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ଜିଲ୍ଲା ପ୍ରଶାସନର ଏହି ପଦକ୍ଷେପ ଏବଂ ମିଲେଟ୍ ମିଶନର ଉଦ୍ୟମକୁ ପ୍ରଶଂସା କରି ଏହା ଅନେକ ମହିଳାଙ୍କୁ ରୋଜଗାର ଦେବା ସହ ସେମାନଙ୍କୁ ଉଦ୍ୟୋଗୀ କରିବାରେ ସହାୟତା କରିଛି ବୋଲି ମତବ୍ୟକ୍ତ କରିଥିଲେ। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡ. ବିନୟ କୁମାର ଟପ୍ପୋ କହିଲେ, ରାଗି ଆମର ପ୍ରାଚୀନ ଖାଦ୍ୟ ମଧ୍ୟରୁ ଅନ୍ୟତମ। କିନ୍ତୁ ସମୟକ୍ରମେ ଏହା ନିଜ ମାନ୍ୟତା ହରାଇଥିଲା। ତେବେ ଏହା ପୁଣି ଆଦର ଫେରି ପାଉଛି ଏବଂ ପୁଷ୍ଟି ବୃଦ୍ଧି କ୍ଷେତ୍ରରେ ଏହାର ଅବଦାନକୁ ଲୋକେ ଚିହ୍ନିବା ଆରମ୍ଭ କଲେଣି ବୋଲି ମତ ଦେଇଥିଲେ। ଅତିଥିମାନେ ଦୁଇଜଣ ଲେଖାଏଁ ଛାତ୍ରଛାତ୍ରୀଙ୍କୁ ରାଗି ଲଡୁ ଖୁଆଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ୩୫୦ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ଭାଗ ନେଇଥିଲେ। ସୂଚନାଯୋଗ୍ୟ, ଗୋଟିଏ ରାଗି ଲଡୁରେ ୯୩.୪ କିଲୋ କ୍ୟାଲୋରୀ ଶକ୍ତି ଥିବାବେଳେ ଏହା ଅପପୁଷ୍ଟି ରୋକିବାରେ ସହାୟକ ହୋଇଥାଏ।

# ଧସିଲା ୧୦୦ ଫୁଟ ଅତଡ଼ା; ବ୍ରାହ୍ମଣୀ ଆଁରେ ଜୁଣଗଡ଼ି, ପଞ୍ଚୁପଲ୍ଲୀ

**ରାଜନଗର, ୧୪।୩(ସମିସ)**

ବ୍ରାହ୍ମଣୀ ନଦୀ ଉଗ୍ରମୁଖୀ ହୋଇ ଏବେ କୂଳ ଖାଇବାରେ ଲାଗିଛି। ରାଜନଗର ବ୍ଲକର ଜୁଣଗଡ଼ି ଓ ପଞ୍ଚୁପଲ୍ଲୀ ନିକଟରେ ଗତ ୫ବର୍ଷ ଧରି ପାଟ୍ଟଶାଳା ନଦୀ ପଠା ଖାଇ ରାଜନଗର-ତାଳଚୁଆ ମୁଖ୍ୟ ରାସ୍ତାକୁ ଗିଳିବା

**● ଚିନ୍ତାରେ ଅଞ୍ଚଳବାସୀ; ତୁରନ୍ତ ଦୃଷ୍ଟି ଦେବାକୁ ଦାବି**

ଆରମ୍ଭ କରିଥିଲା। ଏବେ ସେହି ଗାଁର ଅପର ପାର୍ଶ୍ୱରେ ଥିବା ବ୍ରାହ୍ମଣୀ ନଦୀ ଏବେ ପଠା ଖାଇ ଗାଁ ଭିତରକୁ ମାଡି ଆସିଲାଣି। ଗତକାଲି ରାତିରେ ପ୍ରାୟ ୧୦୦ଫୁଟ ଓସାରର ଓ ୩୦ଫୁଟ ଚଉଡାର ପଠାକୁ ବ୍ରାହ୍ମଣୀ ନଦୀ ତା ଗର୍ଭକୁ ନେଇଯିବା ପରେ ସମ୍ପୂର୍ଣ୍ଣ ଗାଁ ନଦୀ ଗର୍ଭକୁ ଚାଲିଯିବାର ଆଶଙ୍କା ସୃଷ୍ଟି ହୋଇଛି।

ରାଜନଗର ବ୍ଲକ ଘଡିଆମାଳ ପଞ୍ଚାୟତର ପଞ୍ଚୁପଲ୍ଲୀ ଓ ଜୁଣଗଡ଼ି ଗାଁର ଦୁଇ ପାର୍ଶ୍ୱରେ ଦୁଇଟି ନଈ ବହି ଯାଇଛି। ଗାଁର ଗୋଟିଏ ପାର୍ଶ୍ୱରେ ବ୍ରାହ୍ମଣୀ ନଈ ବହି ଯାଇଥିବାବେଳେ ଅନ୍ୟ ପାର୍ଶ୍ୱରେ ପାଟ୍ଟଶାଳା ନଦୀ ରହିଛି। ଗାଁର ପଛପଟେ ଥିବା ବ୍ରାହ୍ମଣୀ ନଈ ଦୀର୍ଘବର୍ଷ ତଳେ ଥିବା ନଦୀବନ୍ଧକୁ ଗର୍ଭସ୍ଥ କରିବା ପରେ ୩ ବର୍ଷ ତଳେ ପଞ୍ଚୁପଲ୍ଲୀରୁ ପଦ୍ମନାଭପୁର ଯାଏଁ ନୂଆ ବନ୍ଧ ନିର୍ମାଣ ହୋଇଛି। ଏହି ବନ୍ଧର ପଦ୍ମନାଭପୁର ନିକଟରେ କିଛି ଅଂଶ ପଥର ପ୍ୟାକିଂ ହୋଇଥିବା ବେଳେ ଅନ୍ୟଅଂଶ ଏ ଯାଏଁ ପଥର ପ୍ୟାକିଂ ହୋଇନି। ଗତକାଲି ରାତିରେ ଜୁଣଗଡ଼ି ଗାଁର ସଦାନନ୍ଦ ବାରିକ, ମହେଶ୍ୱର ବାରିକ, ଶୁକଦେବ ନାୟକଙ୍କ ଘର ନିକଟରେ ବ୍ରାହ୍ମଣୀ ନଦୀ ପଠାକୁ ଧସେଇ ନେଇଛି। ପ୍ରାୟ ୮୦ଫୁଟ ଲମ୍ବ ଓ ୩୦ଫୁଟ ଚଉଡାର ପଠା ନଦୀ ଗର୍ଭକୁ ଧସିଯିବା ଯୋଗୁ ଗାଁ ଭିତରକୁ ନଦୀ ଚାଲି ଆସିଛି। ପରିସ୍ଥିତି ଏପରି ହୋଇଛି ଯଦି ଏହି ପ୍ରକ୍ରିୟା ଜାରି ରହେ, ୩ବର୍ଷ ତଳେ ନିର୍ମାଣ ହୋଇଥିବା ନୂଆ ଘେରିବନ୍ଧ ମଧ ଭାସିଯିବାର ସମ୍ଭାବନା ରହିଛି। ନୂଆ ଘେରିବନ୍ଧ ଠାରୁ ନଦୀର ଦୂରତା ମାତ୍ର ୧୦ଫୁଟ ରହିଛି। ଆଜି ସକାଳେ ଗାଁ ଭିତରକୁ ନଦୀ ଚାଲି ଆସିଥିବା ଦେଖି ଅଞ୍ଚଳବାସୀଙ୍କ ମଧ୍ୟରେ ଛନକା ସୃଷ୍ଟି ହୋଇଛି। ଯୁଦ୍ଧକାଳୀନ ଭିତିରେ ଏ ନେଇ ପଦକ୍ଷେପ ନିଆନଗଲେ ଜୁଣଗଣି ଓ ପଞ୍ଚୁପଲ୍ଲୀ ଗାଁ ପ୍ରତି ବିପଦ ସୃଷ୍ଟି ହେବାର ସମ୍ଭାବନା ରହିଛି। ତୁରନ୍ତ ଏ ନେଇ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



# ବ୍ୟାଟେରିଚାଳିତ ଗାଡ଼ି ପ୍ରଦାନ କଲା ପ୍ରଶାସନ

**● ଭିନ୍ନକ୍ଷମ ଅଞ୍ଜଳିଙ୍କୁ ସହଜ ହେଲା କଣ୍ଢେଇ ବିକିବା**



**ଜଗତସିଂହପୁର, ୧୪।୩(ସମିସ):** ନିଜ ହାତ ତିଆରି କଣ୍ଢେଇ ବିକି ସ୍ୱାବଲମ୍ବୀ ପାଲଟିଥିବା ଜଣେ ଭିନ୍ନକ୍ଷମ ଯୁବତୀଙ୍କ ପାଇଁ ଏବେ ବ୍ୟାଟେରି ଚାଳିତ ଗାଡି ବରଦାନ ପାଲଟିଛି।ପ୍ରଶାସନ ପକ୍ଷରୁ ଆଜି ତାଙ୍କୁ ଏହି ଗାଡି ପ୍ରଦାନ କରାଯିବାପରେ ଏଣିକି ସହଜରେ ସ୍ଥାନୀୟ ଅଞ୍ଚଳରେ କଣ୍ଢେଇ ବିକି ପାରିବେ ବୋଲି ସଦର ବ୍ଲକ ଆଳିପିଙ୍ଗଳ ପଞ୍ଚାୟତ ଶାଳଗାଁର ଅଞ୍ଜଳି ଭୂୟାଁ(୪୦) ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ, ଜନ୍ମରୁ ପୋଲିଓ ଆକ୍ରାନ୍ତ ହୋଇ ନିଜର ଦୁଇ ଗୋଡ଼ ବଙ୍କା ହେବା ଫଳରେ ଚଳପ୍ରଚଳରେ ଅଞ୍ଜଳି କଠିନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ବେଶ କଷ୍ଟରେ ବଢ଼ି ଆସିଥିବା ଅଞ୍ଜଳି ନିଜ ହାତରେ ଖୁବ୍ ସୁନ୍ଦର କଣ୍ଢେଇ ତିଆରି କରନ୍ତି। ଏହାକୁ ସ୍ଥାନୀୟ ଅଞ୍ଚଳରେ ବିକି ପରିବାରର ଖର୍ଚ୍ଚ ଉଠାନ୍ତି। ତେବେ ନିକଟରେ ଚଳାବୁଲା ନିମନ୍ତେ ତଥା ହାତତିଆରି କଣ୍ଢେଇ ସ୍ଥାନୀୟ ଅଞ୍ଚଳରେ ବିକ୍ରି କରିବାକୁ ଅଞ୍ଜଳି ଏକ ବ୍ୟାଟେରୀ ଚାଳିତ ଗାଡିର ଆବଶ୍ୟକତାକୁ ଅନୁଭବ କରି ଆଶୀର୍ବାଦ ସେବା ସଂଗଠନ ସହଯୋଗରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏ ସମ୍ପର୍କରେ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହାପରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ୍ କୁମାର ନାୟକଙ୍କ ପରାମର୍ଶ କ୍ରମେ ଜଗତସିଂହପୁର ବ୍ଲକ ଅଧ୍ୟକ୍ଷା କନକପ୍ରଭା ଲେଙ୍କା, ଏବିଡ଼ିଓ ଅଜୟ ବେହେରା, ବ୍ଲକ ଉପ ସଭାପତି ରତି ରଞ୍ଜନ ବେହେରା ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ରୂପରେଖା ସାହୁଙ୍କ ଉପସ୍ଥିତିରେ ଭିନ୍ନକ୍ଷମ ଯୁବତୀ ଅଞ୍ଜଳିଙ୍କୁ ବ୍ୟାଟେରି ଚାଳିତ ଗାଡି ପ୍ରଦାନ କରାଯାଇଛି। ଏହି ସମୟରେ ସେଠାରେ ଜଗନ୍ନାଥ ବେହେରା, ରଶ୍ମି ରଞ୍ଜନ ମହାନ୍ତି ଦୈତାରୀ ଭୋଇ, ସୌମ୍ୟକାନ୍ତ ଦାସ, ସନ୍ତୋଷ କରଣ ପ୍ରମୁଖ ଉପସ୍ଥିତ ଥିଲେ।

## ସୁନା ଦୋକାନୀଙ୍କଠାରୁ ଝାମ୍ପିନେଲେ ୫୦ ଗ୍ରାମର ଗହଣା

**ତିର୍ତ୍ତୋଲ, ୧୪।୩(ସମିସ):** ତିର୍ତ୍ତୋଲ ଗ୍ରାମର ସୁନା ଦୋକାନୀ ସରୋଜ ସାହୁଙ୍କଠାରୁ ଗତକାଲି ରାତିରେ ଦୁର୍ବୃତ୍ତମାନେ ୫୦ ଗ୍ରାମରୁ ଉର୍ଦ୍ଧ୍ୱ ସୁନା ଗହଣା ଓ ୪୦ହଜାର ଟଙ୍କା ଲୁଟିନେଇ ଥିବା ତିର୍ତ୍ତୋଲ ଥାନାରେ ଅଭିଯୋଗ ହୋଇଛି। ଘଟଣାରୁ ଜଣାପଡ଼ିଛି ଯେ, ତିର୍ତ୍ତୋଲ କଲେଜ ବଜାରସ୍ଥିତ ଶ୍ରୀରାମ ଜୁଏଲାରୀର ମାଲିକ ଶ୍ରୀ ସାହୁ ଦୋକାନ ବନ୍ଦ କରି ରାତିରେ ସୁନା ଗହଣା ଓ ଟଙ୍କା ନେଇ ଏକ ସ୍କୁଟିରେ ନିଜ ଘର ତିର୍ତ୍ତୋଲକୁ ଯାଉଥିଲେ। ତିର୍ତ୍ତୋଲ ଗ୍ରାମ ମୁଣ୍ଡରେ ଲୁଟେରାମାନେ ଦୁଇଟି ବାଇକରେ ଆସି ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଭୟଭୀତ କରି ସ୍କୁଟି ଡିକିରୁ ୫୦ ଗ୍ରାମର ସୁନାଗହଣା ଓ ୪୦ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଏସମ୍ପର୍କରେ ତିର୍ତ୍ତୋଲ ଥାନାରେ ଅଭିଯୋଗ ପରେ ତିର୍ତ୍ତୋଲ ପୁଲିସ ଘଟଣାର ଅନୁସନ୍ଧାନ ଚଳାଇଛି।

## ବ୍ରହ୍ମ ସନାତନ ଯଜ୍ଞ ପ୍ରସ୍ତୁତି ବୈଠକ

ଡେରାବିଶ, ୧୪।୩(ସମିସ):ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପାଣିଓଳାସ୍ଥିତ ଜଗଦଗୁରୁ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ଆଶ୍ରମ ପରିସରରେ ବ୍ରହ୍ମସନାତନ ଯଜ୍ଞ ଓ ଅଷ୍ଟପ୍ରହରବ୍ୟାପୀ ନାମଯଜ୍ଞ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଶ୍ରମ ଭକ୍ତ ସମିତିର ଅଷ୍ଟାଦଶ ବାର୍ଷିକ ଉତ୍ସବ ଅବସରରେ କେନ୍ଦ୍ରୀୟ ବହିଃଶୁଳ୍କ ଅବକାରୀ ବିଭାଗର ପୂର୍ବତନ ପ୍ରଶାସନିକ ଅଧିକାରୀ ଦେବୀ ପ୍ରସାଦ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ନେତୃତ୍ୱରେ ଭକ୍ତ ସମିତିର ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ରହିଥିଲେ। ଚଳିତ ମାସ ୧୭ ତାରିଖରେ ବ୍ରହ୍ମ ସନାତନ ଯଜ୍ଞର ଅଙ୍କୁରାରୋପଣ, ୧୮ ତାରିଖରେ ନାମଯଜ୍ଞର ଶୁଭାଧିବାସ ଏବଂ ୧୯ ତାରିଖରେ ବ୍ରହ୍ମସନାତନ ଯଜ୍ଞର ପୂର୍ଣ୍ଣାହୁତିହେବା ସହ ୨୦ ତାରିଖରେ ନଗରକୀର୍ତ୍ତନ ପରେ ନାମଯଜ୍ଞର ସମାପ୍ତି ହେବ। ଚାରିଦିନ ବ୍ୟାପୀ ଏହି ଯଜ୍ଞ କାର୍ଯ୍ୟକ୍ରମର ସନ୍ଧ୍ୟାରେ ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ରହିଥିବା ବେଳେ ଭକ୍ତ ଗୋଷ୍ଠୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣର ବ୍ୟବସ୍ଥା ରହିଥିବା ଭକ୍ତ କମିଟିର କର୍ମକର୍ତା ପ୍ରକାଶ କରିଛନ୍ତି।

## ଭଗବତୀ ବିଦ୍ୟାଳୟ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ପଞ୍ଚୁପାଣ୍ଡବ, ୧୪।୩(ସମିସ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ଭଗବତୀ ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ରୀ ବିଜୟଲକ୍ଷ୍ମୀ ବାରିକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା ଜେନାଙ୍କ ନେତୃତ୍ୱରେ ଏବିଇଓ ସଚିକାନ୍ତ ମିଶ୍ର ଓ ସିଆରସିସି ମାମୁନି ସିଂ ଅଷ୍ଟମରେ ପଢୁଥିବା ବିଜୟଲକ୍ଷ୍ମୀ ବାରିକଙ୍କୁ ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ସହ ଆର୍ଶିବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ହରେକୃଷ୍ଣ କର, କମଳାକାନ୍ତ ସାହୁ, ଅଶ୍ୱିନୀ କୁମାର ରାଉତ, ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଥିବା ମିତାଲି ମିଶ୍ର ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।



**■ ବିବାଦ ଘେରରେ ଜିଲ୍ଲା ପ୍ରଶାସନ**

# ଭୁଲ୍ କରୁଛନ୍ତି ଉପରିସ୍ଥ ଅଧିକାରୀ, ଦଣ୍ଡ ଭୋଗୁଛନ୍ତି ତଳିଆ କର୍ମଚାରୀ

**କେନ୍ଦ୍ରାପଡ଼ା, ୧୪।୩(ସମିସ):** ଏଠି ପ୍ରଶାସନ ଅଧିକାରୀ ଯାହା ଚାହିଁବେ କରିବେ। ତାଙ୍କୁ କେହି ରୋକିପାରିବେନି। ଏମିତିକି ବିନା କାରଣରେ ତଳିଆ କର୍ମଚାରୀଙ୍କୁ ନିଲମ୍ବିତ ମଧ କରେଇପାରନ୍ତି। ନବଯୁଗ ଠକେଇକୁ ନେଇ ବିବାଦରେ ଥିବା କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ଆଉ ଗୋଟେ ବିବାଦରେ ଫସିଛି। ଜଣେ ତଳିଆ କର୍ମଚାରୀଙ୍କୁ ଷଡ଼ଯନ୍ତ୍ର କରି ନିଲମ୍ବିତ କରିବା ଭଳି ଘଟଣା ଏବେ ସାମ୍ନାକୁ ଆସିଛି। ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ଭୁଲ ଯୋଗୁ କେମିତି ଜଣେ ମହିଳା କର୍ମଚାରୀଙ୍କୁ ବିନା କାରଣରେ ପୂର୍ବତନ ଜିଲ୍ଲାପାଳ ନିଲମ୍ବିତ କଲେ ତାହା ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ଖୋରାକ ଯୋଗାଇଛି। ଭାଇରାଲ ହେଉଥିବା ଅଡିଓ ପ୍ରଶାସନିକ ଅଧିକାରୀଙ୍କ ଗୁମର ଖୋଲିଦେଇଛି। ନବଯୁଗ ଠକେଇ ଘଟଣାରେ ଛନ୍ଦି ହୋଇଥିବା ପ୍ରଶାସନ ଏବେ ନିଲମ୍ବିତ ଘଟଣାର ଭାଇରାଲ ହେଉଥିବା ଅଡିଓକୁ ନେଇ

**● ଷଡ଼ଯନ୍ତ୍ରର ଶିକାର ହୋଇ ନିଲମ୍ବିତ ତଳିଆ କର୍ମଚାରୀଙ୍କ ଅଡିଓ ଭାଇରାଲ**

ପୁଣି ବିବାଦକୁ ଟାଣି ହୋଇଛି। ଯେଉଁଥିରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ପୂର୍ବତନ ଅଧିକାରୀ ଜିଲ୍ଲାର ବିବାଦୀୟ ପ୍ରଶାସନିକ ଅଧିକାରୀ ଓ ସମାଜ ମଙ୍ଗଳ କାର୍ଯ୍ୟାଳୟର ନିଲମ୍ବିତ ମହିଳା କର୍ମଚାରୀଙ୍କ ଅଡିଓ ଏବେ ମୋବାଇଲରୁ ମୋବାଇଲ ଘୁରି ବୁଲୁଛି। ପୂର୍ବତନ ସମାଜ ମଙ୍ଗଳ ଅଧିକାରୀ ଓ ନିଲମ୍ବିତ ମହିଳା କର୍ମଚାରୀଙ୍କର ବାର୍ତ୍ତାଳାପରେ ସ୍ପଷ୍ଟ ଭାବେ ମହିଳା କର୍ମଚାରୀଙ୍କ କିଛି ଦୋଷ ନଥିବା ଶୁଣିବାକୁ ମିଳିଛି।ସେହିଭଳି ଦ୍ୱିତୀୟ ଅଡିଓରେ ବିବାଦୀୟ ପ୍ରଶାସନିକ ଅଧିକାରୀ ଓ ନିଲମ୍ବିତ କର୍ମଚାରୀଙ୍କ ଅଡିଓରେ ମହିଳା କର୍ମଚାରୀ ଜଣଙ୍କ ଅଧିକାରୀଙ୍କୁ ନିଲମ୍ବିତ ନେଇ ଜିଲ୍ଲାପାଳଙ୍କୁ ସ୍ପଷ୍ଟ କଥା କହିବାକୁ ଅନୁରୋଧ କରିଛନ୍ତି। ହେଲେ ଅଧିକାରୀ ଜଣଙ୍କ ରାଜ୍ୟ ବାହାରେ ଥିବା କହି ସେ ନିଜ ଜିଲ୍ଲାପାଳଙ୍କୁ କୁହନ୍ତୁ ବୋଲି ଅଧିକାରୀ ଜଣକ କହିଛନ୍ତି।

# ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ବୈଠକ

ଡେରାବିଶ, ୧୪।୩(ସମିସ):ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଳୀ ସ୍ଥିତ ବିବି ମଡ଼େଲ ହାଇସ୍କୁଲ ପରିସରରେ ବ୍ଲକ ସ୍ତରୀୟ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡେରାବିଶ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରାଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାଶ ଶ୍ରୀକୃଷ୍ଣ ସ୍ତୋତ୍ର ପାଠ ଓ ଶ୍ରୀ ବେହେରାଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆରତୀବାଳା ରଥ ଉପସ୍ଥିତ ବ୍ଲକର ସମସ୍ତ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ କରିବା ସହିତ ଏହି ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ମମତା ମହାନ୍ତି, ସୁଚିସ୍ମିତା ତ୍ରିପାଠୀ, ସସ୍ମିତା ବଳ, ଅନିତା ପଣ୍ଡା, ପ୍ରଜ୍ଞାପାରମିତା ମିଶ୍ର, ତବସୁମ ବେଗମ ପ୍ରମୁଖ ପୁଷ୍ପଗୁଚ୍ଛ, ଚନ୍ଦନ ସିନ୍ଦୁର ପ୍ରଦାନ ପୂର୍ବକ ସମସ୍ତ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ, ବ୍ଲକ ଶିକ୍ଷାଧିକାରୀ ଶ୍ରୀ ବେହେରା ଓ କାର୍ଯ୍ୟକ୍ରମର ନୋଡାଲ ପ୍ରଧାନ ଶିକ୍ଷୟିତ୍ରୀ ଡକ୍ଟର କାନନବାଳା ନାୟକ ଏବଂ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସଚିକାନ୍ତ ମିଶ୍ରଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ବୈଠକରେ ନବମ ପାସ୍ କରିଥିବା ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଉନ୍ନତି ପାଇଁ ନୂତନ ଶିକ୍ଷାବର୍ଷ ନିମନ୍ତେ ଯୋଜନା, ଦଶମ ପରୀକ୍ଷା ଦେଇଥିବା ପିଲାଙ୍କ ପାଇଁ ଧନ୍ଦାମୂଳକ ଶିକ୍ଷା ପ୍ରଶିକ୍ଷଣ ଆଲୋଚନା, ଗ୍ରୀଷ୍ମାବକାଶ ସମୟରେ ବିଦ୍ୟାଳୟର ଆସବାବପତ୍ର, ସମ୍ପତିର ରକ୍ଷଣାବେକ୍ଷଣ ଓ ସୁପରିଚାଳନା, ବିଦ୍ୟାଳୟ ଗୁଡ଼ିକର ଉନ୍ନତିରେ ପୁରାତନ ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣ ବିଷୟରେ ବ୍ଲକ ଅଧିକାରୀ ନୋଡାଲ ପ୍ରଧାନ ଶିକ୍ଷୟିତ୍ରୀ ଡକ୍ଟର ନାୟକ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମଲ୍ଲିକେଶ୍ୱର ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ବେହେରା, କୁସୁନୁପୁର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅନିତା ଜେନା, ଡେରାବିଶ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦାସ, ରାମଚଣ୍ଡୀ ନୋଡାଲର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ନାୟକ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ଶେଷରେ ହରିଅଙ୍କ ସରକାରୀ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରର ଗିରିଜା ପରିହାରୀ ଧନ୍ୟବାଦ ଅର୍ପଣ କରିଥିଲେ।



# ବିଶ୍ୱଶାନ୍ତି ରୁଦ୍ରମହାଯଜ୍ଞ ଉଦ୍‌ଯାପିତ



**ରାଜନଗର, ୧୪।୩ (ସମିସ):** ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତ ରାଜଗଡ଼ ଗ୍ରାମରେ ମହାଶିବରାତ୍ରି ଉପଲକ୍ଷେ ଶ୍ରୀ ଶ୍ରୀ ହରଗୌରୀ ପୂଜାସ୍ରୋବ ଓ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଦୀର୍ଘ ୫ଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ସୁବ୍ରତ କୁମାର ରଥ, ପଣ୍ଡିତ ମହେନ୍ଦ୍ର କୁମାର ଶତପଥି, ପଣ୍ଡିତ ପ୍ରକାଶ କୁମାର ଶତପଥି, ପଣ୍ଡିତ ଅଶୋକ କୁମାର ଦେବତା, ପଣ୍ଡିତ ବାସୁଦେବ ନନ୍ଦ, ପଣ୍ଡିତ ଫକୀର ମୋହନ ଶତପଥିଙ୍କ ମନ୍ତ୍ରଧ୍ୱନୀରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶ୍ରୀ ହରଗୌରୀଙ୍କର ଷୋଡଶ ପୂଜା ଉପଚାର ସହିତ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞର କଳସ ଯାତ୍ରା, ପ୍ରତ୍ୟେହ ସୂର୍ଯ୍ୟପୂଜା, ଗୋମାତା ପୂଜା, ରୁଦ୍ରାଭିଷେକ, ଯଜ୍ଞକର୍ମ, ଚଣ୍ଡୀପାଠ, ଗୀତାପାଠ ଓ ଶେଷରେ ପୁଷ୍ପାଞ୍ଜଳି ପୂର୍ଣ୍ଣାହୂତି କରାଯାଇଥିଲା। ଯଜ୍ଞର ପୁରୋଧା ଭାବେ ସନାତନ ରାଉତ ଓ ତାଙ୍କ ସହଧର୍ମିଣୀ କବିତା ରାଉତ କାର୍ଯ୍ୟ ନିର୍ବାହ କରିଥିଲେ। ଗ୍ରାମର ପ୍ରାୟ ୩୦ଜଣ ବୟୋଜ୍ୟେଷ୍ଠ ବୃଦ୍ଧଙ୍କୁ ଏକତ୍ରିତ କରି ଉତ୍ତରୀୟ ଓ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।



# ଶାସ୍ତ୍ରିଜୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ଶଙ୍ଖାରିସାହି ଚାମ୍ପିଅନ୍

**ବିରିଡି, ୧୪।୩(ସମିସ):** ବିରିଡି ବ୍ଲକ ବାରେଡ଼ିଆ ପଞ୍ଚାୟତ ଢ଼ିଅସାହି ବିରିଖେଳ ପଡ଼ିଆରେ ସ୍ଥାନୀୟ ଶାସ୍ତ୍ରିଜୀ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଶାସ୍ତ୍ରୀଜୀ ଯୁବପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ ଶଙ୍ଖାରିସାହି ଓ ତଳପାଟକ ମଧ୍ୟରେ ଖେଳା ଯାଇଥିଲା। ପ୍ରଥମେ ଟସ୍ ଜିତି ଶଙ୍ଖାରିସାହି ଦଳ ୨୦ଓଭରରେ ୧୯୮ରନ କରିଥିଲା। ଜବାବରେ ତଳପାଟକ ଟିମ ୧୦୨ରନ କରିବାରେ ସକ୍ଷମ ହୋଇଥିଲେ। ଫଳରେ ୯୬ରନରେ ଜିତି ଆଜିର ଶାସ୍ତ୍ରିଜୀ କ୍ରିକେଟ କପ୍-୨୦୨୪ ର ଚଳିତବର୍ଷ ଚାମ୍ପିଅନ୍ ହୋଇଥିଲା ଶଙ୍ଖାରିସାହି। ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ସରପଞ୍ଚ କାଳନ୍ଦୀ ବସ୍ତିଆ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମମତା ପାତ୍ର, ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ, ଜିଲ୍ଲାପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ସଭ୍ୟା ଦୀପ୍ତିମୟୀ ରାୟ, ପୂରଣ ସମବାୟ ସମିତି ସଭାପତି ନନ୍ଦକିଶୋର ବସ୍ତିଆ, ପୂରଣ ସରପଞ୍ଚ ଯୁଧିଷ୍ଠିର ବେହେରା, ସମିତି ସଭ୍ୟା ସସ୍ମିତା ଭୋଇ ପ୍ରମୁଖ ଯୋଗଦେଇ ବିଜୟୀ ଦଳ ଶଙ୍ଖାରିସାହିକୁ ୨୦ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ରନର୍ସଅପ ଦଳ ତଳପାଟକକୁ ୧୫ହଜାର ଟଙ୍କା ସହ ଟ୍ରଫି ଦେଇ ପୁରସ୍କୃତ କରିଥିଲେ।

# ଜିଲ୍ଲା ସାହିତ୍ୟ ସଂସଦ ନୂତନ ଗୃହର ଶିଳାନ୍ୟାସ



**କେନ୍ଦ୍ରାପଡ଼ା, ୧୪।୩(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ସଂସଦର ନୂତନ ଗୃହକୁ ଗୁରୁବାର ଅପରାହ୍ନରେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା ଶିଳାନ୍ୟାସ କରିଛନ୍ତି। ଦୁହୁରିଆ ସ୍ଥିତ ଏକ ମହଲା ଗୃହ ଉପରେ ଆଉ ଏକ ମହଲା ଗୃହ ନିର୍ମାଣ ନିମନ୍ତେ ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ '୫-ଟି' ସଚିବଙ୍କୁ ତାଙ୍କର କେନ୍ଦ୍ରାପଡ଼ା ଭ୍ରମଣ ସମୟରେ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦରଖାସ୍ତ ପ୍ରଦାନ କରାଯାଇଥିଲା। ଏହି ନୂତନ ଗୃହ ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ଶିଳାନ୍ୟାସ କରାଯାଇଥିବାରୁ ସାହିତ୍ୟ ସଂସଦ ପରିବାର ତରଫରୁ ସାହିତ୍ୟ ସଂସଦର ସଭାପତି ଡଃ ବାସୁଦେବ ଦାସ, ସମ୍ପାଦକ ଶୁଭାଂଶୁ କୁମାର ଦାସ, କାର୍ଯ୍ୟକାରୀ ସଭାପତି କରୁଣାକର ଦାସ, ଉପସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦାଶ, ପାର୍ବତୀ ନାୟକ, ସଂଗଠନ ସମ୍ପାଦକ ଆଦିକନ୍ଦ ରାଉଳ, ସହସମ୍ପାଦକ ଶରତ କୁମାର ରାଉତ, ଉପଦେଷ୍ଟା କାର୍ତ୍ତିକ ଚରଣ ନାୟକ, ଗୋଲକ ସେଠୀ ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ରହି '୫-ଟି' ସଚିବ ଭି. କେ. ପାଣ୍ଡିଆନ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଧାୟକ ଶଶିଭୂଷଣ ବେହେରାଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଦିନେ ଏହି ଅନୁଷ୍ଠାନ କେନ୍ଦ୍ରାପଡ଼ା ଜିଲ୍ଲାରେ ସାହିତ୍ୟ ସଂସ୍କୃତିର କୋଣାର୍କ ଭାବରେ ପ୍ରତିୟମାନ ହେବ ବୋଲି ବିଧାୟକ ବେହେରା ମତବ୍ୟକ୍ତ କରିଥିଲେ।

# ମରାମତି ହେଲା ନଳକୂପ; ମିଳିଲା ପାଣି



**କେନ୍ଦ୍ରାପଡ଼ା, ୧୪।୩(ସମିସ)**

ଦୈନିକ 'ସକାଳ'ରେ ଖବର ପ୍ରକାଶିତ ହେବା ପରେ ଅବହେଳିତ ଅବସ୍ଥାରେ ପଡ଼ିରହିଥିବା ନଳକୂପ ମରାମତି ହୋଇଛି। ଦେଉଳପଡ଼ା ପଞ୍ଚାୟତର ବାଙ୍କିଛନ୍ଦା, ଆୟତପୁର ଓ ଦେଉଳପଡ଼ାରେ ନଳକୂପ ଅବ୍ୟବସ୍ଥାର ଅଭିଯୋଗ ଆସିବା ପରେ ଏନେଇ ଗତବର୍ଷ ନଭେମ୍ବର ୬ ତାରିଖରୁ ନିୟମିତ ଖବର ପ୍ରକାଶିତ କରାଯାଇଥିଲା। ଏନେଇ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ, ଓଡ଼ିଶା ସରକାର, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଖବର କ୍ଲିପିଂ ସହିତ ଟୁଇଟ କରାଯାଇଥିଲା। ବିଭାଗ ତରଫରୁ କେନ୍ଦ୍ରାପଡ଼ା ଗ୍ରାମୀଣ ଜଳ ଯୋଗାଣ କାର୍ଯ୍ୟାଳୟକୁ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କାର୍ଯ୍ୟ ଆରମ୍ଭ କରାଯାଇ ପରେ ଧିମା ପଡ଼ିଯିବା ଦେଖି ପୁଣିଥରେ ପ୍ରଶାସନକୁ ତତ୍ପର କରାଯାଇଥିଲା। ଯାହାକୁ ଗୁରୁତର ସହ ନିଆଯାଇ ସମ୍ପୃକ୍ତ ନଳକୂପଗୁଡ଼ିକର ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ତେବେ ଗ୍ରାମବାସୀଙ୍କୁ ଏବେ ପାନୀୟ ଜଳ ସହଜରେ ଉପଲବ୍ଧ ହୋଇଛି।

